## ଗଡ଼ା ଚାଲିଛି ତିନିରଥ...



ତିନିରଥରେ ପଡ଼ିଲା ଛନ୍ଦା ଗୟଲ

## ମହାନଦୀରୁ ଧରାହେଲା ୩. ୯ କ୍ୱିଣ୍ଟାଲର ସାଙ୍କୁଚ

**ପାରାଦୀପ, ୧୮।୬ (ସମିସ):** ପାରାଦୀପ ନିକଟ ମହାନଦୀର ଚଉମୁହାଣିରୁ ଆଜି ୩ କ୍ୱିଣ୍ଟାଲ ୯୦ କେଜିର ଏକ ବିରାଟ ସାଙ୍କୁଚକୁ ମତ୍ସ୍ୟଜୀବୀମାନେ ଧରିଛନ୍ତି। ପୂର୍ବରୁ ୫୦ରୁ ୬୦ କେଜି ପର୍ଯ୍ୟନ୍ତ ସାଙ୍କୁଚ ଏଠାରୁ ଧରାଯାଇଥିବା ବେଳେ ଆଜି ଏତେବଡ଼ ସାଙ୍କୁଚ ମହାନଦୀରୁ ଧରାପଡ଼ିବା ପାରାଦୀପରେ ପ୍ରଥମ ଘଟଣା ବୋଲି କୁହାଯାଉଛି। ଏହି ପ୍ରଜାତିର ମାଛ ଗଭୀର ସମୁଦ୍ରରେ ଦେଖିବାକୁ ମିଳେ। ଏମାନେ ପ୍ରାୟତଃ ସମୁଦ୍ର କୂଳକୁ ଆସିନଥାନ୍ତି। ତେଣୁ ଜାଲରେ ଧରାଦିଅନ୍ତି ନାହିଁ। ସାଙ୍କୁଚଟି କୌଣସି କାରଣରୁ ମୁହାଣ ଦେଇ ମହାନଦୀରେ ପଶିଛି ଏବଂ ସ୍ଥାନୀୟ କିଛି ମତ୍ସ୍ୟଜୀବୀ ମାଛ ଧରୁଥିବା ବେଳେ ସେମାନଙ୍କ ଜାଲରେ ରବିବାର ସନ୍ଧ୍ୟାରେ ପଡ଼ିଥିଲା। ଏକ ଟାଟା ଏସ୍‌ଇରେ ବାଲିପ୍ଲଟକୁ ନେଇ ସେଠାରେ ନିଲାମ ଡକାଯାଇଥିଲା। ନିଲାମ ନେଇଥିବା ବ୍ୟବସାୟୀ ଏହାକୁ ପ୍ୟାକିଂ କରି ଦୀଘା ବଜାରରେ ବିକ୍ରୟ ପାଇଁ ନେଇଥିଲେ।

ବିକ୍ରି ପାଇଁ ଦୀଘା ଗଲା



## ଗୋଟିଏ ଦିନରେ ନେତ୍ରୋତ୍ସବ, ନବ ଯୌବନ ଦର୍ଶନ ଓ ରଥଯାତ୍ରା

# ୧୯୭୧ ରଥଯାତ୍ରା ନୀତିର ହେବ ପୁନରାବୃତ୍ତି

**ପୁରୀ, ୧୮।୬(ସମିସ):** ଆସନ୍ତା ଜୁଲାଇ ୭ ତାରିଖରେ ରଥଯାତ୍ରା। ହେଲେ ଏଥର ତିଥିରେ କିଛିଟା ବ୍ୟତିକ୍ରମ ଘଟିଛି। ଚଳିତ ବର୍ଷ ଗୋଟିଏ ଦିନରେ ପଡୁଛି ନେତ୍ରୋତ୍ସବ, ନବଯୌବନ ଦର୍ଶନ ଓ ଶ୍ରୀଗୁଣ୍ଡିଚା ଯାତ୍ରା। ତେଣୁ ରଥଯାତ୍ରା ନୀତି କିପରି ସୁରୁଖୁରରେ ସମ୍ପାଦନ ହେବ, ସେନେଇ ଚିନ୍ତାରେ ସେବାୟତ ଓ ପ୍ରଶାସନ। କେବଳ ରଥଯାତ୍ରା ନୁହେଁ, ୫୩ବର୍ଷ ପରେ ଏ ବର୍ଷ ମହାପ୍ରଭୁଙ୍କ ଅଣସର ୧୫ଦିନ ପରିବର୍ତ୍ତ ୧୩ ଦିନ ଅନୁଷ୍ଠିତ ହେବ। ଏମିତି ତିଥି ୧୯୭୧ ମସିହାରେ ପଡ଼ିଥିଲା। ସେତେବେଳେ ଯେଉଁଭଳି ଭାବେ ନୀତିକାନ୍ତି କରାଯାଇଥିଲା, ଏଥର ମଧ୍ୟ ସେହିଭଳି ହେବ ବୋଲି ଆପାତତଃ ସ୍ଥିର ହୋଇଛି। ତେଣୁ ୧୯୭୧ ମସିହା ରଥଯାତ୍ରା ନୀତିକାନ୍ତିର ପୁନରାବୃତ୍ତି ୨୦୨୪ରେ ହେବ ଏବଂ ଏଥିପାଇଁ ପ୍ରସ୍ତୁତି ଚାଲିଥିବା ସୂଚନା ମିଳିଛି। ଯଦି ଏଭଳି ହୁଏ, ତେବେ ଜୁଲାଇ ୭ ତାରିଖରେ ବିଧି ରକ୍ଷା ପାଇଁ ରଥଟଣା ହେବ ଏବଂ ଜୁଲାଇ ୮ରେ ହିଁ ବଡ଼ଦାଣ୍ଡରେ ଗଡ଼ିବ ତିନିରଥ।

ଏଭଳି ତିଥି ପଡ଼ିଥିବାରୁ ଚଳିତ ବର୍ଷ ଶ୍ରୀଗୁଣ୍ଡିଚା ଦିନ ରଥଟଣା ବିଳମ୍ବ ହେବା ନିଶ୍ଚିତ ବୋଲି କୁହାଯାଉଛି। ଏଣୁ ସନ୍ଧ୍ୟା ପୂର୍ବରୁ ପରମ୍ପରା ଅନୁଯାୟୀ, କେବଳ ମହାପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ ରଥ ଅଳ୍ପ କିଛି ବାଟ ଟଣାଯାଇ ପରଦିନ ତିନିରଥ ଟଣାଯାଇ ଗୁଣ୍ଡିଚା ମନ୍ଦିରକୁ ନିଆଯିବ ବୋଲି ଚର୍ଚ୍ଚା ହେଉଛି।

ଏ ସମ୍ପର୍କରେ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଦୁର୍ଗା ଦାସ ମହାପାତ୍ର କହିଛନ୍ତି, ସମାନ ତିଥି ୧୯୭୧ ମସିହାରେ ପଡ଼ିଥିଲା। ଶ୍ରୀମନ୍ଦିର ଗାରଦରେ ଦୈନନ୍ଦିନ ନୀତିକାନ୍ତି ଲିପିବଦ୍ଧ ହେଉଥିବା ପଞ୍ଜିକା ଅନୁଯାୟୀ ୧୯୭୧ ମସିହା ଜୁନ୍ ୨୨ ତାରିଖରେ ଥିଲା ରଥଯାତ୍ରା। ଏହାର ପୂର୍ବଦିନ ଅର୍ଥାତ୍ ଜୁନ୍ ୨୧ ତାରିଖରେ ସକାଳ ଧୂପ ସରିବା ପରେ ପଟିଦିଅଁଙ୍କଠାରୁ ପୂଜାପଣ୍ଡା ସେବକମାନଙ୍କ ଦ୍ୱାରା ରଥ ଆଜ୍ଞାମାଳ ଯାଇଥିଲା। ଏହାପରେ ରଥଖଳାରୁ ତିନିରଥକୁ ଶ୍ରୀମନ୍ଦିର ସିଂହଦ୍ୱାରକୁ ଅଣାଯାଇଥିଲା। ବିଶେଷ ପରିସ୍ଥିତିରେ ଏଭଳି ତିଥି ପଡ଼ିଥିବା ଯୋଗୁଁ ପାରମ୍ପରିକ ଅଣସର, ରଥଯାତ୍ରା, ନବଯୌବନ ନୀତିରେ କିଛିଟା ବ୍ୟତିକ୍ରମ କରାଯାଇଥିଲା। ଅଣସରରେ ଚକା ଅପସର ପରେ ଶ୍ରୀଗୁଣ୍ଡିଚା ପୂର୍ବଦିନ ବାହୁଟ କଣ୍ଟ ଓ କୁସୁମୀ

- **ଜୁଲାଇ ୭ରେ ବିଧି ରକ୍ଷା ପାଇଁ ହୋଇପାରେ ରଥଟଣା**
- **୮ରେ ବଡ଼ଦାଣ୍ଡରେ ଟଣାଯାଇପାରେ ତିନିରଥ**
- **ଚଳିତବର୍ଷ ୧୩ ଦିନିଆ ଅଣସର**

ଲାଗି କରାଯାଇଥାଏ। କିନ୍ତୁ ୧୯୭୧ ମସିହାରେ ପରିସ୍ଥିତିକୁ ଆଖିଆଗରେ ରଖି ବାହୁଟି କଣ୍ଟ ଓ କୁସୁମୀ ଲାଗି ଅଣସର ଭିତରେ କରାଯାଇଥିଲା। ସେହିବର୍ଷ ଅପରାହ୍ଣ ସାଢ଼େ ୨ଟାରେ ରଥଯାତ୍ରାର ପହଣ୍ଡି ଆରମ୍ଭ ହୋଇଥିଲା। ଅପରାହ୍ଣ ୫ଟା ପରେ ପହଣ୍ଡି ଶେଷ ହୋଇଥିଲା। ଏହାପରେ ଗଜପତିଙ୍କ ଛେରାପହଁରା ଏବଂ ଚାରମାଳ ଖୋଲାଯାଇଥିଲା। ରଥଟଣା ଆରମ୍ଭ ବେଳକୁ ସନ୍ଧ୍ୟା ପ୍ରାୟ ୭ଟା ବାଜିଥିଲା। କେବଳ ପ୍ରତୀକାତ୍ମକ ବା ବିଧିରକ୍ଷା ଲାଗି ରଥ ଟଣାଯାଇ ତା' ପରଦିନ ତିନିରଥ ଟଣାଯାଇଥିଲା। ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ, ଅତୀତରେ ପାଳନ ହୋଇଥିବା ବିଧି ବିଧାନକୁ ଅନୁକରଣ କରାଯାଏ। ଚଳିତବର୍ଷ ରଥଯାତ୍ରାରେ ମଧ୍ୟ ୧୯୭୧ ମସିହାରେ ପାଳନ ହୋଇଥିବା ନୀତି ଅନୁସରଣ କରାଯାଇ ଶ୍ରୀଗୁଣ୍ଡିଚା ଯାତ୍ରା ଅନୁଷ୍ଠିତ ହେବ।

ଅନ୍ୟପକ୍ଷରେ, ଏବର୍ଷ ଜୁଲାଇ ୭ ଏବଂ ୮ ତାରିଖ ଦୁଇଦିନିଆ ରଥଯାତ୍ରା ପାଇଁ ଶ୍ରୀମନ୍ଦିର ପ୍ରଶାସନ, ଜିଲ୍ଲା ଏବଂ ପୁଲିସ ପ୍ରଶାସନ ପ୍ରସ୍ତୁତ ହେଉଛନ୍ତି। ଏସ୍‌ପି ପିନାକ ମିଶ୍ର କହିଛନ୍ତି, ଚଳିତବର୍ଷ ଏକ ବିଶେଷ ହେବାକୁ ଯାଉଛି। ତେଣୁ ଆମକୁ ମଧ୍ୟ ସେହିଭଳି ପ୍ରସ୍ତୁତ ରହିବାକୁ ପଡ଼ିବ। ଜୁଲାଇ ୭ ଓ ୮ ତାରିଖ ଦୁଇଦିନ ରଥଟଣାକୁ ନଜରରେ ରଖି ଟ୍ରାଫିକ କଟକଣା ରହିବ।

## ନେଟ୍ ପରୀକ୍ଷା ଦେଲେ ୯ ଲକ୍ଷ ଛାତ୍ରଛାତ୍ରୀ

**ଭୁବନେଶ୍ୱର,୧୮।୬(ସମିସ):** ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ପକ୍ଷରୁ ମଙ୍ଗଳବାର ନେଟ୍ ପରୀକ୍ଷା ସରିଛି। ଦେଶର ୩୧୭ଟି ସହରର ୧୨୦୫ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଅନୁଷ୍ଠିତ ହୋଇଛି। ଚଳିତ ଥର ସମୁଦାୟ ୧୧ ଲକ୍ଷ ୨୧ ହଜାର ୨୨୫ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବା ପାଇଁ ପଞ୍ଜୀକରଣ କରିଥିବା ବେଳେ ପ୍ରାୟ ୮୧ପ୍ରତିଶତ ବା ୯ ଲକ୍ଷ ୮ ହଜାର ୫୮୦ ଜଣ ପରୀକ୍ଷା ଦେଇଛନ୍ତି। ତନ୍ମଧ୍ୟରେ ୬ଲକ୍ଷ ୩୫ ହଜାର ୫୮୭ ଜଣ ଛାତ୍ରୀ ଥିବାବେଳେ ୪ ଲକ୍ଷ ୮୫ ହଜାର ୫୭୯ଜଣ ଛାତ୍ର ଓ ୫୯ ଜଣ ତୃତୀୟ ଲିଙ୍ଗୀ ରହିଛନ୍ତି।

## ବାଲେଶ୍ୱର ଘଟଣାକୁ ମିଳିତ ବିରୋଧୀ ଦଳର ନିନ୍ଦା

# ଭାଇଚାରା ଫେରାଇ ଆଣିବାକୁ ନିବେଦନ

**ଭୁବନେଶ୍ୱର,୧୮।୬(ସମିସ):** ବିଜେପି ରାଜ୍ୟରେ ସରକାରକୁ ଆସିବା ପରେ ସଂଘ ପରିବାର ପକ୍ଷରୁ ଅଭିସନ୍ଧି ରଖି ସାମ୍ପ୍ରଦାୟିକ ବିବାଦ ସୂତ୍ରପାତ କରାଯାଉଛି ବୋଲି ଅଭିଯୋଗ କରିଛି ମିଳିତ ବିରୋଧୀ ଦଳ। ପିସିସି ସଭାପତି ଶରତ ପଟ୍ଟନାୟକ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ପୂର୍ବତନ ସାଂସଦ ଅନନ୍ତ ସେଠୀ, ସିପିଏମ୍ ରାଜ୍ୟ ସମ୍ପାଦକ ଅଲିକିଶୋର ପଟ୍ଟନାୟକ, ସିପିଏମ ନେତା ଜନାର୍ଦ୍ଦନ ପତି, ସିପିଆଇ(ଏମଏଲ) ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଆରଜେଡି ସଭାପତି ହରୀଶ ମହାପାତ୍ର, ରାଜ୍ୟ ସିପିଆଇ ସମ୍ପାଦକ ଅଭୟ ସାହୁ, ଆପ୍ ଆବାହକ ନିଶିକାନ୍ତ ମହାପାତ୍ର, ସମାଜବାଦୀ ପାର୍ଟି ସଭାପତି ରବି ବେହେରା, ଏଆଇଏଫ୍‌ବି ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର ଓ ଏନସିପି ନେତା ବିକ୍ରମ ସ୍ୱାଇଁ ପ୍ରମୁଖ ଏକ ମିଳିତ ପ୍ରେସ ବାର୍ତ୍ତାରେ ଘଟଣାକୁ ନିନ୍ଦା କରିଛନ୍ତି।

ପ୍ରେସବାର୍ତ୍ତାରେ ଏହି ନେତାମାନେ କହିଛନ୍ତି ଯେ ପ୍ରଥମେ କଟକରେ ଓ ଏବେ ବକ୍ରି ଇଦ୍ ପର୍ବ ପାଳନ ଅବସରରେ ବାଲେଶ୍ୱରରେ ସାମ୍ପ୍ରଦାୟିକ ବିଦ୍ୱେଷ ଏବଂ ହିଂସା ବଢ଼ାଇବା ପାଇଁ ଚକ୍ରାନ୍ତ କରାଯାଇଛି। ରାଜ୍ୟ ବିଜେପି ସରକାର ଏହାର ପୁରୋଧା ପାଲଟିଛନ୍ତି। ବାଲେଶ୍ୱରରେ ବିଜେପିର ସାଂସଦ ଓ ବିଧାୟକଙ୍କ ଉଚ୍ଚାରଣ ଓ ଆଚରଣ ଭାଇଚାରାର ସହର ବାଲେଶ୍ୱରକୁ ବିଭାଜିତ ଓ କ୍ଷତବିକ୍ଷତ କରୁଛି। ବିଜେପି ସାଂସଦ ଓ ବିଧାୟକ ରାତି ୨ଟାରେ ବାଲେଶ୍ୱର ଟାଉନ ଥାନାରେ ବସି ଜିଲ୍ଲାପାଳ, ଏସ୍‌ପି ଓ ପୁଲିସ ଅଧିକାରୀଙ୍କ ସହ ଆଇନ ଶୃଙ୍ଖଳା ବ୍ୟବସ୍ଥାର ସମୀକ୍ଷା ବୈଠକ କରିବା ପ୍ରଶାସନର ଅସହାୟତାକୁ ପଦାରେ ପକାଇଛି। ସମ୍ପୃକ୍ତ ସାଂସଦ ଓ ବିଧାୟକଙ୍କ ଇଙ୍ଗିତରେ ସରକାରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବା କଥା ସେମାନେ ନିଜେ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ କରିଛନ୍ତି। ସହରରେ ଅନିର୍ଦ୍ଦିଷ୍ଟ କାଳ ପାଇଁ କର୍ଫ୍ୟୁ ବଳବତ୍ତର ଥିବା ବେଳେ ବାଲେଶ୍ୱର ସଦର ବିଧାୟକ ବିଜେପି ଦଳୀୟ ପତାକା ଲଗାଇ ରାସ୍ତାରେ ବୁଲୁଛନ୍ତି। ପୁଲିସ ବିଜେପି ଦଳର ଇସାରାରେ ରାଜନୈତିକ ବାଛବିଚାର କରି ଲୋକମାନଙ୍କୁ ବାନ୍ଧୁଛି। ପ୍ରଶାସନ ଓ ପୁଲିସକୁ ପ୍ରଭାବିତ କରି ସାମ୍ପ୍ରଦାୟିକ ଦଙ୍ଗାକୁ ବ୍ୟାପକ କରିବା ପାଇଁ ଷଡ଼ଯନ୍ତ୍ର ରଚନା କରାଯାଇଛି। ଏହାକୁ ଦୃଢ଼ ହସ୍ତରେ ନିୟନ୍ତ୍ରଣ କରିବା ପାଇଁ ରାଜ୍ୟ ସରକାର ତୁରନ୍ତ ଠୋସ୍ ପଦକ୍ଷେପ ନେବାକୁ ଦାବି କରାଯାଉଛି। ସାମ୍ପ୍ରଦାୟିକ ତଥା ବିଭେଦକାରୀ ଶକ୍ତିମାନଙ୍କ ସାମ୍ପ୍ରଦାୟିକ ଧ୍ରୁବୀକରଣ ଷଡ଼ଯନ୍ତ୍ରର ଶିକାର ନ ହେବା ପାଇଁ ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟ ଓ ଜନସାଧାରଣଙ୍କୁ ଏହି ନେତାମାନେ ନିବେଦନ କରିଛନ୍ତି।

- କମ୍ପ୍ୟୁଟର ପ୍ରୋଗାମରଙ୍କ ପାଇଁ ଆକାଉଣ୍ଟାଣ୍ଟ ପଦବୀରେ ସଂରକ୍ଷଣ ପ୍ରସଙ୍ଗ

## ଲିଖିତ ଯୁକ୍ତି ଦାଖଲ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ, ୧୮।୬ (ସମିସ):** ପଞ୍ଚାୟତରେ ଆକାଉଣ୍ଟାଣ୍ଟ ତଥା ଡାଟାଏଣ୍ଟ୍ରି ଅପରେଟର ନିଯୁକ୍ତି କ୍ଷେତ୍ରରେ ବ୍ଲକ୍‌ରେ କାର୍ଯ୍ୟରତ ଅତିରିକ୍ତ କମ୍ପ୍ୟୁଟର ପ୍ରୋଗ୍ରାମର୍‌ମାନଙ୍କ ପାଇଁ ସଂରକ୍ଷଣ ପ୍ରଦାନ ପ୍ରସଙ୍ଗରେ ରୁଜୁ ମାମଲାର ଶୁଣାଣି କରିଛନ୍ତି ହାଇକୋର୍ଟ। ତେବେ କେଉଁ ଆଧାରରେ ଆବେଦନକାରୀଙ୍କ ପାଇଁ ସଂରକ୍ଷଣ ସୁବିଧା ରହିବ, ସେନେଇ ଲିଖିତ ଯୁକ୍ତି ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପରବର୍ତ୍ତୀ ଶୁଣାଣି ସୁଦ୍ଧା ଆବେଦନକାରୀ ଲିଖିତ ଯୁକ୍ତି ଦାଖଲ କରିବେ। ଅଲ ଓଡ଼ିଶା ଆଡିସନାଲ କମ୍ପ୍ୟୁଟର ପ୍ରୋଗ୍ରାମର ଆସୋସିଏସନ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାରେ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ସଚିବଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆସନ୍ତା ଏକ ସପ୍ତାହ ପରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

# ନିଶା କାରବାର ପାଇଁ ପୁଣି ଗଡ଼ିଲା ମୁଣ୍ଡ

**ଖୋର୍ଦ୍ଧା, ୧୮।୬(ସମିସ):** ଦୀର୍ଘ ଦିନ ପରେ ପୁଣିଥରେ ନିଶା କାରବାରକୁ ନେଇ ଖୋର୍ଦ୍ଧାରେ ପୁଣି ଜଣଙ୍କ ମୁଣ୍ଡ ଗଡ଼ିଛି। ଆଦର୍ଶ ଥାନା ଅଧୀନ ସାମନ୍ତରାପୁର ଅଞ୍ଚଳରେ ଜଣେ ଯୁବକକୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଛି। ମୃତକ

- **ଶରୀର ସାରା କ୍ଷତଚିହ୍ନ; ପ୍ଲାସରେ ଉପୁଡ଼ା ହୋଇଛି ନଖ**
- **ଥାନାରେ ମାମଲା; ୩ ଅଟକ**

ହେଲେ, ସାମନ୍ତରାପୁର ଅଞ୍ଚଳର ମନୋଜ ସେଠୀ ଓରଫ୍ ଗୁଲୁ (୨୪)। ମନୋଜଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତଚିହ୍ନ ରହିଥିବା ବେଳେ ତାଙ୍କ ଗୋଡ଼ ନଖକୁ ପ୍ଲାସ୍‌ରେ ଉପାଡ଼ି ଦିଆଯାଇଛି। ହତ୍ୟା କରିବା ପରେ ଅଭିଯୁକ୍ତମାନେ ତାଙ୍କୁ ମେଡିକାଲ ନିକଟରେ ଫିଙ୍ଗି ଦେଇଥିବା କୁହାଯାଉଛି। ପୁଲିସ ।ବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ମନୋଜଙ୍କ ମା' ସୁକାନ୍ତି ସେଠୀଙ୍କ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ କରି ୩ଜଣଙ୍କୁ



ଅଟକ ରଖିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଧରାଯିବ ବୋଲି ଭାରପ୍ରାପ୍ତ ଏସ୍‌ଡିପିଓ ଅନିଲ କୁମାର ମହାନ୍ତି ପ୍ରତିଶ୍ରୁତି ଦେଇଛନ୍ତି। ଅଭିଯୋଗ ଅନୁସାରେ, ମନୋଜ କିଛି ଦିନ ତଳେ ଜେଲରୁ ଜାମିନରେ ଆସିଥିଲେ। ମନୋଜକୁ ତା'ର ସାଙ୍ଗମାନେ ପୁଣିଥରେ ନିଶା ଖାଇବା ଓ ନିଶା କରବାର କରିବାକୁ ବାଧ କରିଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ କୌଣସି କାରଣରୁ ମତଭେଦ ହୋଇଥିବାରୁ ତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଛି ବୋଲି ସୁକାନ୍ତି କହିଛନ୍ତି। ଅପରପକ୍ଷେ, ପୁଲିସ୍ ମନୋଜଙ୍କ ନିଶା ଆଡ୍ଡାରେ ଚଢ଼ଉ କରି ତଦନ୍ତ କରିଛି। ମନୋଜ ଓ ତା'ର ବନ୍ଧୁମାନେ ଖଟି କରୁଥିବା ସ୍ଥାନରୁ ପୁଲିସ୍ କିଛି ସିଗାରେଟ୍, ନିଶା ସିରିଞ୍ଜ, କଫସିରପ୍ ବୋତଲ ସହ ଆହୁରି ଅନେକ ସାମଗ୍ରୀ ଜବତ କରିଛି।

ପ୍ରକାଶ ଥାଉକି, ଗତବର୍ଷ ଜୁନ ୭ତାରିଖ ରାତିରେ ନିଶା କାରବାରକୁ କେନ୍ଦ୍ର କରି ସୋମନାଥ ଭୁଜବଳକୁ ନିଶା ମାଫିଆମାନେ ଠେଙ୍ଗାହାଟ ଛକଠାରେ ଆଖିବୁଜା ଗୁଳିମାଡ଼ କରିଥିଲେ। ହସ୍ପିଟାଲରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ବର୍ଷେ ପୂରିଥିବା ବେଳେ ପୁଣି ନିଶା କାରବାରକୁ ନେଇ ଏଭଳି ଏକ ଛାତିଥରା ହତ୍ୟାକାଣ୍ଡ ଘଟିଛି।

■ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀଙ୍କ ସାମ୍ବାଦିକ ସମ୍ମିଳନୀ

## ୧୦୦ ଜନସଂଖ୍ୟା ବିଶିଷ୍ଟ ଗାଁ ହେବ ପିଚୁ ରାସ୍ତା

**ଭୁବନେଶ୍ୱର, ୧୮।୬(ସମିସ):** ଆଗାମୀ ଦିନରେ ଶହେ ଜନସଂଖ୍ୟା ବିଶିଷ୍ଟ ଗାଁକୁ ପିଚୁ ରାସ୍ତାରେ ସଂଯୋଗ କରାଯିବ। ଫଳରେ ଗମନାଗମନ ସହଜସାଧ୍ୟ ହୋଇପାରିବ। ସେହିପରି ପିଏମ ଜନମନ ଯୋଜନାରେ ୩୫୦ କିଲୋମିଟର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ନେଇ ଟାର୍ଗେଟ୍ କରାଯାଇଛି। ଏହାସହ ଆଗାମୀ ୧୦୦ ଦିନ ଭିତରେ ୨୦୦ଟି ବ୍ରିଜ୍ କାମ ସାରିବା ନେଇ ଅଧିକାରୀଙ୍କ ସହ ଆଲୋଚନା ହୋଇଛି ବୋଲି କହିଛନ୍ତି ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ। ଶ୍ରୀ ନାଏକ



ଆଜି ପୂର୍ବାହ୍ନରେ ଲୋକସେବା ଭବନସ୍ଥ ଗ୍ରାମ୍ୟ ଉନ୍ନୟନ ବିଭାଗ ସମ୍ମିଳନୀ କକ୍ଷରେ ବିଭାଗର କାର୍ଯ୍ୟାବଳୀ ସମୀକ୍ଷା କରିଛନ୍ତି। ପ୍ରମୁଖ ଶାସନ ସଚିବ ଏବଂ ଅନ୍ୟାନ୍ୟ ପଦସ୍ଥ ଅଧିକାରୀଙ୍କ ସହ ଏହି ସମୀକ୍ଷା ବୈଠକରେ ମନ୍ତ୍ରୀ ଶ୍ରୀ ନାଏକ କହିଲେ ଯେ ଗ୍ରାମାଞ୍ଚଳରେ ସଡ଼କ ସଂଯୋଗୀକରଣ ବ୍ୟବସ୍ଥାରେ ଉନ୍ନତି ଆଣିବାକୁ ତାଙ୍କ ସରକାର ସର୍ବାଧିକ ପ୍ରାଥମିକତା ଦେବେ।

## ରାଜ୍ୟ ଅବକାରୀ ବିଭାଗର କାର୍ଯ୍ୟାବଳୀ ସମୀକ୍ଷା କଲେ ମନ୍ତ୍ରୀ

**ଭୁବନେଶ୍ୱର, ୧୮।୬(ସମିସ):** ରାଜ୍ୟରେ ଚୋରା ମଦ କାରବାର ରୋକିବା ଏବଂ ବ୍ରାଉନସୁଗାର କାରବାରକୁ ପ୍ରତିହତ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର ରାଜ୍ୟ ଅବକାରୀ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଲୋକସେବା ଭବନର ଦ୍ୱିତୀୟ ମହଲା ସମ୍ମିଳନୀ କକ୍ଷରେ ବିଭାଗର ସମୀକ୍ଷା କରି ଏହି ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ପାନୀୟ ନିଗମର ଉତ୍ପାଦଗୁଡ଼ିକର



ରକ୍ଷଣାବେକ୍ଷଣ ନିମନ୍ତେ ଅଧିକ ଗୋଦାମର ଆବଶ୍ୟକତା ଥିବା ଜାଣି ଏଥି ନିମନ୍ତେ ଆବଶ୍ୟକ ପଦକ୍ଷେପ ପାଇଁ ପ୍ରସ୍ତାବ ପ୍ରସ୍ତୁତ କରିବାକୁ ସେ ଏହି ସମୀକ୍ଷା ବୈଠକରେ ନିର୍ଦ୍ଦେଶ ଦେଇଥିଲେ। ପ୍ରାରମ୍ଭରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନୀ ମନ୍ତ୍ରୀଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିବା ସହ ବିଭାଗର ବିଭିନ୍ନ କାର୍ଯ୍ୟଧାରା ସମ୍ପର୍କରେ ଅବଗତ କରାଇଥିଲେ।

### ଗରମ, ଗୁଳୁଗୁଳିରୁ ରକ୍ଷା ପାଇଁ ରାସ୍ତାକଡ଼ରେ ବସିଥିଲେ

**ମାଡ଼ିଗଲା ବୋଲେରୋ; ୨ ମୃତ, ୪ ଗୁରୁତର**

**ସୁନ୍ଦରଗଡ଼, ୧୮।୬ (ସମିସ):** ପ୍ରବଳ ଗରମ ଓ ଅସହ୍ୟ ଗୁଳୁଗୁଳି ଯୋଗୁଁ କିଛି ଲୋକେ ଗାଁ ରାସ୍ତା କଡ଼ରେ ବସିଥିଲେ। ଏହି ସମୟରେ ଦ୍ରୁତ ଗତିରେ ଆସୁଥିବା ଏକ ବୋଲେରୋ ତାଙ୍କ ଉପରେ ମାଡ଼ିଯିବାରୁ ଦୁଇଜଣଙ୍କ ମୃତ୍ୟୁ ଘଟିଛି ଏବଂ ୪ଜଣ ଗୁରୁତର ଆହତ ହୋଇଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ଘଣ୍ଟିବୁଡ଼-ଦେଉରାପଡ଼ା ରାସ୍ତାର ଘଣ୍ଟିବୁଡ଼ ସ୍କୁଲ ନିକଟ ବୁଲାଣିରେ ଏହି ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ମୃତକମାନେ ହେଲେ, ଗ୍ରାମର ଦେବାର ପ୍ରଧାନଙ୍କ ପୁଅ ମଙ୍ଗଳା ପ୍ରଧାନ (୩୦), ଫଗୁ କିସାନଙ୍କ ପୁଅ ବିଜୟ କିସାନ। ଗୁରୁତର କୁମର କିସାନ, ଲୋଚନ କିସାନ, କପିଳ କିସାନ ଓ ହେମନ୍ତ କିସାନଙ୍କୁ ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

- ଦୁଇ ବର୍ଷ ତଳେ ଲାଞ୍ଚ ନେଇ ଗିରଫ ହୋଇଥିଲେ

## ପୁଣି ୧୦ ହଜାର ଲାଞ୍ଚ ନେଇ ଗିରଫ

**ଭୁବନେଶ୍ୱର, ୧୮।୬(ସମିସ):** ଦୁଇ ବର୍ଷ ତଳେ ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ି ଗିରଫ ହୋଇଥିଲେ। ତଥାପି ଟଙ୍କା ଲୋଭ ଏତେ ଘାରିଲା ଯେ ପୁଣି ଲାଞ୍ଚ ନେଲେ। ଶେଷରେ ଭିଜିଲାନ୍ସ ହାତରେ ପୁଣି ଧରାପଡ଼ି ଗିରଫ ହୋଇଛନ୍ତି। ଏହି ସରକାରୀ କର୍ମଚାରୀଜଣଙ୍କ ହେଲେ, ମନୋଜ କୁମାର ମହାନନ୍ଦ। ସେ ଜଣେ ରାଜସ୍ୱ ନିରୀକ୍ଷକ (ଆରଆଇ)। ସମ୍ବଲପୁର ଜିଲ୍ଲା ନାକଟିଦେଉଳ ତହସିଲର ଡଇଁଚାରେ ଅଛନ୍ତି ମନୋଜ କୁମାର ମହାନନ୍ଦ। ଆଜି ଜଣେ ବ୍ୟକ୍ତିଙ୍କଠାରୁ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଅଧିକାରୀଙ୍କ ହାତରେ ଧରାପଡ଼ିଥିଲେ। ଏକ ମ୍ୟୁଟେସନ୍ ମାମଲାରେ ଉକ୍ତ ବ୍ୟକ୍ତିଙ୍କ ସପକ୍ଷରେ ପଟ୍ଟା ପ୍ରଦାନ ପାଇଁ ସେ ୧୦ହଜାର ଟଙ୍କା ଲାଞ୍ଚ ନେଉଥିଲେ। ତାଙ୍କଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯାଇଛି। ଧରାପଡ଼ିବା ପରେ ଆରଆଇ ମନୋଜ କୁମାର ମହାନନ୍ଦଙ୍କର ଧନୁପାଲୀ ଘର ଏବଂ ସରକାରୀ ଅଫିସରେ ଚଢ଼ଉ କରାଯାଇଛି। ସୂଚନାଯୋଗ୍ୟ, ପୂର୍ବରୁ ୨୦୨୨ ଏପ୍ରିଲ ୧୭ତାରିଖରେ ଆରଆଇ ମନୋଜ କୁମାର ମହାନନ୍ଦ ଲାଞ୍ଚ ନେଇ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିଲେ। ସେତେବେଳେ ସେ ସମ୍ବଲପୁର ଜିଲ୍ଲା ଜମନକିରାରେ ଆର୍‌ଆଇ ଥିଲେ। ସେହି ମାମଲାରେ ଭିଜିଲାନ୍ସ ପକ୍ଷରୁ ଚାର୍ଜସିଟ୍ ଦାଖଲ କରାଯାଇଛି। ମାମଲାଟି ଏବେ ଭିଜିଲାନ୍ସ କୋର୍ଟରେ ବିଚାରାଧୀନ ରହିଛି। ଖୁବ୍‌ଶୀଘ୍ର ଶୁଣାଣି ଆସିବାର ଥିବା ବେଳେ ପୁଣି ଲାଞ୍ଚ ନେଇ ଅଡୁଆରେ ପଡ଼ିଛନ୍ତି ମନୋଜ।

■ ମନ୍ତ୍ରୀଙ୍କୁ ଭେଟିଲେ ବନ ବିଭାଗ ଅଧିକାରୀ

## 'ପ୍ରକୃତି ଓ ପ୍ରଗତି ମଧ୍ୟରେ ସମନ୍ୱୟକୁ ଗୁରୁତ୍ୱ'



**ଭୁବନେଶ୍ୱର, ୧୮।୬(ସମିସ):** ପ୍ରକୃତି ଓ ପ୍ରଗତି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ପ୍ରକୃତି ଓ ପରିବେଶ ରହିଲେ ହିଁ ପ୍ରଗତି କଥା ଚିନ୍ତା କରାଯାଇପାରେ। ପ୍ରକୃତି ଓଡ଼ିଶାକୁ ଅମାପ ପ୍ରାକୃତିକ ସମ୍ପଦ, ଜଙ୍ଗଲ ଓ ଜୈବବିବିଧତାରେ ପରିପୂର୍ଣ୍ଣ କରିଛି। ତେଣୁ ଆମେ ପ୍ରକୃତି ମା'ପାଖରେ କୃତଜ୍ଞ ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ପ୍ରକାଶ କରିଛନ୍ତି। ମଙ୍ଗଳବାର ସ୍ଥାନୀୟ ଖାରବେଳ ଭବନସ୍ଥିତ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ସମ୍ମିଳନୀ କକ୍ଷରେ ମନ୍ତ୍ରୀ ଶ୍ରୀ ସିଂ ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକ କରି ଜନସଚେତନତା ଓ ଜନସାଧାରଣଙ୍କ ପ୍ରତ୍ୟକ୍ଷ ଯୋଗଦାନ ବିନା ଜଙ୍ଗଲ ସମ୍ପଦର ସଂରକ୍ଷଣ ଓ ସମୃଦ୍ଧି କଷ୍ଟକର ବୋଲି କହିଥିଲେ।

ଆଜି ସନ୍ଧ୍ୟାରେ ମନ୍ତ୍ରୀ ଶ୍ରୀ ସିଂ ଖୁଣ୍ଟିଆ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରବର୍ତ୍ତନ ବିଭାଗରେ ପହଞ୍ଚିବା ପରେ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ମନ୍ତ୍ରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରିଥିଲେ। ବିଭାଗୀୟ ଅଧିକାରୀମାନେ ରାଜ୍ୟରେ ଜଙ୍ଗଲ, ଅଭୟାରଣ୍ୟ, ପରିବେଶ ଓ ବନ୍ୟଜନ୍ତୁ ଏବଂ ବିଭାଗର ବିଭିନ୍ନ ଅଙ୍ଗ ଏବଂ ସ୍ୱୟଂଶାସିତ ସଂସ୍ଥାଗୁଡ଼ିକର କାର୍ଯ୍ୟଧାରା, ସ୍ଥିତି ଓ ପ୍ରକଳ୍ପର ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ।

**ଆଜି ସିକିଲ ସେଲ ରୋଗ ନିରାକରଣ ଦିବସ**

# ସଚେତନତା ହିଁ ବଡ଼ ବିଜୟ ଆଣିଦେବ

**ଭୁବନେଶ୍ୱର,୧୮।୬(ସମିସ):** ଆସନ୍ତାକାଲି (ବୁଧବାର) ରାଜ୍ୟରେ ବିଶ୍ୱ ରକ୍ତଶିକୁଳି (ସିକିଲ ସେଲ) ରୋଗ ସଚେତନତା ଦିବସ ପାଳିତ ହେବ। ଏଥି ସହିତ ଜୁନ୍ ୧୯ରୁ ଜୁଲାଇ ୩ ତାରିଖ ପର୍ଯ୍ୟନ୍ତ ୧୫ ଦିନ ଧରି ରୋଗ ପରୀକ୍ଷା(ସ୍କ୍ରିନିଂ) ଓ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଜୁନ ୧୯ରେ ସୁନ୍ଦରଗଡ଼ରେ ରାଜ୍ୟସ୍ତରୀୟ ଓ ବିଭିନ୍ନ ଜିଲ୍ଲାରେ ଜିଲ୍ଲାସ୍ତରୀୟ ସିକିଲ ସେଲ ପରୀକ୍ଷା ଓ ସଚେତନତା ଶିବିର ଅନୁଷ୍ଠିତ ହେବା ପାଇଁ ନିଷ୍ପତ୍ତି ହୋଇଛି। ଏ ସମ୍ପର୍କରେ ଏକ ସମନ୍ୱୟ ବୈଠକ ଆଜି ପୂର୍ବାହ୍ନରେ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିସନର ଅନୁ ଗର୍ଗ, ସମ୍ପୃକ୍ତ ବିଭାଗର ପ୍ରମୁଖ ଶାସନ ସଚିବ, କମିଶନର ତଥା ଶାସନ ସଚିବ, ନିର୍ଦ୍ଦେଶକ ଓ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ସିକିଲ ସେଲ ଏକ ଜେନେଟିକ୍ ରୋଗ ଓ ଏହି ରୋଗ ହେଲେ ବ୍ୟକ୍ତି ବା ଶିଶୁକୁ ରକ୍ତହୀନତାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଏହାର ଚିହ୍ନଟ ଓ ରୋଗରୁ ରକ୍ଷା ପାଇବା ପାଇଁ ସଚେତନତା ଜରୁରୀ। ୨୦୪୭ ମସିହା ସୁଦ୍ଧା ଏହି ରୋଗର ଦୂରୀକରଣ ଲକ୍ଷ୍ୟ ରହିଛି। ଏହି ରୋଗ ଓଡ଼ିଶାର ମୁଖ୍ୟତଃ ଜନଜାତି ବହୁଳ ଜିଲ୍ଲା ସମେତ ପ୍ରାୟ ୨୧ଟି ଜିଲ୍ଲାରେ ଦେଖା ଦେଉଛି। ଏଥିପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ, ମହିଳା ଓ ଶିଶୁ ବିକାଶ, ପଞ୍ଚାୟତିରାଜ ଓ ପାନୀୟ ଜଳ, ସୂଚନା ଓ ଲୋକ ସମ୍ପର୍କ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଉଚ୍ଚଶିକ୍ଷା ବିଭାଗ, କ୍ରୀଡ଼ା ଓ ଯୁବ ସେବା ବିଭାଗ, କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଆଦିର ମିଳିତ ପ୍ରୟାସରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ପାଇଁ ସ୍ଥିର କରାଯାଇଛି। ସିକଲ ସେଲ ରୋଗ ସମ୍ପର୍କରେ ସଚେତନତା ପାଇଁ ପ୍ରତ୍ୟେହ ବୈଦ୍ୟୁତିକ, ମୁଦ୍ରଣ ଓ ସାମାଜିକ ଗଣମାଧ୍ୟମ ଆଦିରେ ବହୁଳ ପ୍ରଚାରପ୍ରସାର ହେବ। ପ୍ରତି ସ୍ୱାସ୍ଥ୍ୟ କେନ୍ଦ୍ର, ପଞ୍ଚାୟତ କାର୍ଯ୍ୟାଳୟ ଆଦି ଗୁଡ଼ିକରେ ପ୍ରଚାରପତ୍ର ଲଗାଯିବ। ଶିକ୍ଷାନୁଷ୍ଠାନ, ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ସହଯୋଗରେ ମିଳିତ ଉଦ୍ୟମ କରାଯିବ। ବିଶେଷକରି ଗର୍ଭବତୀ ମହିଳା ଓ ପ୍ରସୂତି ମା' ମାନଙ୍କୁ ସିକେଲ ସେଲ ରୋଗର କାରଣ ଓ ଲକ୍ଷଣ ସମ୍ପର୍କରେ ସଚେତନ କରାଯିବ। ସୁନ୍ଦରଗଡ଼ରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ମେଗା ସ୍ୱାସ୍ଥ୍ୟ ଶିବିରରେ ପ୍ରାୟ ୫୦୦୦ ଅଂଶଗ୍ରହଣକାରୀ ଯୋଗଦେବାକୁ ଥିବା ବେଳେ ପ୍ରଭାବିତ ଅନ୍ୟ ସମସ୍ତ ଜିଲ୍ଲାରେ ଜିଲ୍ଲାସ୍ତରୀୟ ସ୍ୱାସ୍ଥ୍ୟ ଶିବିରରେ ୫୦୦ରୁ ୭୦୦ଅଂଶଗ୍ରହଣକାରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ବିଦ୍ୟାଳୟରେ ପ୍ରାର୍ଥନା ସମୟରେ ଛାତ୍ରଛାତ୍ରୀମାନଙ୍କୁ ଏ ସମ୍ପର୍କରେ ସଚେତନ କରିବାକୁ ମୁଖ୍ୟ ସଚିବ ଶ୍ରୀ ଜେନା ପରାମର୍ଶ ଦେଇଛନ୍ତି।



# କଟକ ସିଟି

**ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ସମୀକ୍ଷା ବୈଠକ**

## ବିକଳ୍ପ ଉପାୟରେ ବାଲି ଉଠାଯିବାକୁ ଗୁରୁତ୍ୱାରୋପ

କଟକ,୧୮ ।୬(ସମିସ)

ରାଜସ୍ୱ ତଥା ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କଟକ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ସମ୍ପର୍କରେ ସମୀକ୍ଷା କରିଛନ୍ତି। ଜିଲ୍ଲାରେ ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟର ତୀବ୍ରତା ଯଥାସମ୍ଭବ ହ୍ରାସ କରିବା ପାଇଁ ପରାମର୍ଶ ଦେଇଥିଲେ। ଏଥିନିମନ୍ତେ ଆବଶ୍ୟକ ସମ୍ବଳ ଯୋଗାଇଦେବା ପାଇଁ ରାଜ୍ୟ ସରକାର ସର୍ବଦା ପ୍ରସ୍ତୁତ ବୋଲି ସେ ମତବ୍ୟକ୍ତ କରିଥିଲେ। ଏଥିସହ ବାଲି ସଇରାତରୁ ବିକଳ୍ପ ରାସ୍ତା ମାଧ୍ୟମରେ ବାଲି ଉଠାଯିବାକୁ ଖଣି ବିଭାଗ ଅଧିକାରୀ ଯତ୍ନବାନ ହେବାକୁ ମନ୍ତ୍ରୀ ଶ୍ରୀ ପୂଜାରୀ କହିଥିଲେ। କଟକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଆଜି ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାପାଳ ଅରିନ୍ଦମ ଡାକୁଆ ମନ୍ତ୍ରୀ ଶ୍ରୀ ପୂଜାରୀଙ୍କୁ ସ୍ୱାଗତ କରିବା ସହ ଗତ ୧୩ ତାରିଖରେ ଜିଲ୍ଲାରେ ଅନୁଷ୍ଠିତ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବୈଠକ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବୈଠକରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ବଡମ୍ବା ବିଧାୟକ ବିଜୟ କୁମାର ଦଳବେହେରା, ନିଆଳି ବିଧାୟକ ଛବି ମଲ୍ଲିକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୁବାସଚନ୍ଦ୍ର ରାୟ, କଟକ ମହାନଗର ନିଗମ କମିଶନର ବିଜୟ କୁମାର ଦାଶ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଉମାକାନ୍ତ ରାଜ, ଅତିରିକ୍ତ ଜିଲ୍ଲାପାଳ ଉନ୍ନୟନ ଡକ୍ଟର ଦିବ୍ୟଲୋଚନ ମହାନ୍ତ, ଅତିରିକ୍ତ ଜିଲ୍ଲାପାଳ ସାଧାରଣ ଶିବ ଟପୋ, ଉପଜିଲ୍ଲାପାଳ କଟକ ସଦର ଜ୍ୟୋତିଶଙ୍କର ରାୟ, ଉପଜିଲ୍ଲାପାଳ ବାଙ୍କୀ ଦେବୀ ପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ଆଠଗଡ଼ ପ୍ରଶାନ୍ତ କୁମାର ତରାଇ, ଜିଲ୍ଲାର ସମସ୍ତ ତହସିଲଦାର ଓ ବିଭିନ୍ନ ବିଭାଗୀୟ ଅଧିକାରୀଗଣ ଉପସ୍ଥିତ ଥିଲେ।



## ୨ ଲୁଟେରା ଗିରଫ



**କଟକ,୧୮ ।୬(ସମିସ):** ସିଆର୍‌ଆର୍‌ଆଇ ଥାନା ପୁଲିସ ଆଜି ୨ଜଣ ଲୁଟେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜଣେ ଯୁବକ ନେହେରୁପଲ୍ଲୀ ନିକଟସ୍ଥ ନଦୀ ବନ୍ଧରେ ଯାଉଥିବା ବେଳେ ତାଙ୍କୁ ମାଡ ମାରି ତାଙ୍କ ମୋବାଇଲ୍ ଲୁଟି ନେଇଥିଲେ। ଅଭିଯୋଗ କ୍ରମେ ପୁଲିସ ତଦନ୍ତ କରି ୨ଜଣ ଲୁଟେରାଙ୍କୁ ଧରିଛି। ଅଭିଯୁକ୍ତ ଦ୍ୱୟ ହେଲେ ସ୍ଥାନୀୟ ଗୌତମନଗର ଅଞ୍ଚଳର ବିଶ୍ୱନାଥ ମଲ୍ଲିକ ଓରଫ୍ ଦୀପୁ(୨୨) ଏବଂ ମତ୍ତଗଜପୁର ଅଞ୍ଚଳର ଗାନ୍ଧୀ କୁମାର ପଣ୍ଡା ଓରଫ୍ ଲିପୁ(୨୫)। ସେମାନଙ୍କ ନିକଟରୁ ଲୁଟ୍ ହୋଇଥିବା ମୋବାଇଲ୍ ଓ ବାଇକ୍ ଜବତ କରାଯାଇଛି।

ପୁଲିସ ସୂତ୍ରରୁ ପ୍ରକାଶ ଯେ, ବିଦ୍ୟାଧରପୁର ଭଗବତ ସାହିର କିଶନ୍ କୁମାର ଚେମି ଗତକାଲି ନେହେରୁପଲ୍ଲୀ ନିକଟସ୍ଥ ନଦୀ ବନ୍ଧରେ ସାଇକେଲ୍ ଯୋଗେ ଯାଉଥିଲେ। ହଠାତ୍ ଦୀପୁ ଓ ଲିପୁ ଏକ ବାଇକ୍ ଯୋଗେ ଆସି କିଶନ୍‌ଙ୍କୁ ଅଟକାଇ ଥିଲେ। କିଶନ୍ ନରହିବାରୁ ତାଙ୍କୁ ଧକ୍କା ଦେଇ ସାଇକେଲ୍‌ରୁ ତଳକୁ ପକାଇ ଦେଇଥିଲେ। ଏହାପରେ ମାଡ ମାରି ତାଙ୍କର ମୋବାଇଲ୍ ଲୁଟି ନେଇଥିଲେ। କିଶନ୍ ଥାନାକୁ ଆସି ଏ ସଂକ୍ରାନ୍ତିରେ ଏତଲା ଦେବା ପରେ ପୁଲିସ ତଦନ୍ତ କରି ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିଛି।

**● ମହିଳାଙ୍କ ବିରୋଧରେ ଠକେଇ ଅଭିଯୋଗ ଘଟଣା**

## ପୂର୍ଣ୍ଣିମାଙ୍କ ପାଇଁ ବଢ଼ିଲା ଅଡୁଆ

କଟକ, ୧୮ ।୬ (ସମିସ)

ଟଙ୍କା ଠକେଇ ଘଟଣାରେ ଫସିଥିବା ପୂର୍ଣ୍ଣିମା ସିଂଙ୍କ ପାଇଁ ଅଡୁଆ ବଢ଼ିବାରେ ଲାଗିଛି। ତାଙ୍କ ଦସ୍ତଖତ, ବ୍ୟାଙ୍କ୍ ସଂକ୍ରାନ୍ତୀୟ ତଥ୍ୟ ଏବଂ କୋର୍ଟ ଆଫିଡେଭିଟ୍ ପୁଲିସ ଯାଞ୍ଚ କରିବ। ଏନେଇ ମଙ୍ଗଳାବାଗ ଥାନା ପୁଲିସ ସମସ୍ତ ପ୍ରକ୍ରିୟା ଆରମ୍ଭ କରିଛି। ଆଫିଡେଭିଟ୍ ସମୟରେ ଏଥିରେ ସାକ୍ଷୀ ପଡ଼ିଥିବା ବ୍ୟକ୍ତିଙ୍କୁ ବି ପୁଲିସ ପଚରାଉଚରା କରିବାକୁ ନିଷ୍ପତ୍ତି ନେଇଥିବା କମିସନରେଟ୍ ପୁଲିସ ପକ୍ଷରୁ ସୂଚନା ମିଳିଛି। ସୂଚନା ଅନୁଯାୟୀ, ବକ୍ସିବଜାର ବଢ଼େଇ ସାହିର ଇପ୍ସିତା ଚକ୍ରବର୍ତ୍ତିଙ୍କ ନିକଟରୁ ପୂର୍ଣ୍ଣିମା ୮ ଲକ୍ଷ ଟଙ୍କା ଔଷଧ ବ୍ୟବସାୟ ପାଇଁ ଧାର୍ ନେଇଥିଲେ। ଗତ ୨୦୨୧ ମେ ୧୮ରେ ନୋଟାରିରେ ଏକ ଆଫିଡେଭିଟ୍ ହୋଇଥିଲା। ଏହି ୮ ଲକ୍ଷ ଟଙ୍କା ସୁଧ ସହିତ ଫେରସ୍ତ କରିବାକୁ ଚୁକ୍ତି କରାଯାଇଥିଲା। ପୂର୍ଣ୍ଣିମା ବ୍ୟାଙ୍କ ଅଫ୍ ବରୋଦାର ଏକ ବ୍ଲାଙ୍କ୍ ଚେକ୍ ଇପ୍ସିତାଙ୍କୁ ଦେଇଥିଲେ। କିନ୍ତୁ ଚୁକ୍ତି ଅନୁଯାୟୀ, ସେ ଟଙ୍କା ଫେରସ୍ତ ନ କରିବାରୁ ମଙ୍ଗଳାବାଗ ଥାନାରେ ଇପ୍ସିତା ଏତଲା ଦେଇଥିଲେ। ଏହି ଘଟଣାର ତଦନ୍ତ ମଙ୍ଗଳାବାଗ ଥାନା ପୁଲିସ କରୁଥିବା ବେଳେ ଆର୍ଥିକ କାରବାରକୁ ପୂର୍ଣ୍ଣିମା ଖଣ୍ଡନ କରିଛନ୍ତି। ଏଭଳି ପରିସ୍ଥିତିରେ ଆଜି ପୁଲିସ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ଯେଉଁ ନୋଟାରୀରେ ଏହି ଆର୍ଥିକ କାରବାର ସଂକ୍ରାନ୍ତ ଆଫିଡେଭିଟ୍ ହୋଇଥିଲା ତାଙ୍କୁ ପଚରାଉଚରା କରାଯିବ। ନୋଟାରୀଙ୍କ ରେକର୍ଡ ବି ଯାଞ୍ଚ କରାଯିବ। ଏଥିରେ ସାକ୍ଷୀ ଯେଉଁମାନେ ପଡ଼ିଥିଲେ ସେମାନଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯିବ। ପୂର୍ଣ୍ଣିମାଙ୍କ ହସ୍ତାକ୍ଷର ସଂଗ୍ରହ କରାଯିବା ସହିତ ଏହାକୁ ରସୁଲଗଡ଼ ଫରେନସିକ୍ ସାଇନ୍ସ ଲାବରେଟୋରିକୁ ପଠାଯିବ। ଆଫିଡେଭିଟରେ ଥିବା ହସ୍ତାକ୍ଷର ପ୍ରକୃତରେ ପୂର୍ଣ୍ଣିମାଙ୍କର କି ନୁହେଁ, ଏହାକୁ ପ୍ରମାଣିତ କରାଯିବାକୁ ପୁଲିସ ଏ ପ୍ରକାର ପଦକ୍ଷେପ ଗ୍ରହଣ କରିବାକୁ ଯାଉଛି। ପୂର୍ଣ୍ଣିମା ବ୍ୟାଙ୍କ ଅଫ୍ ବରୋଦାର ଏକ ବ୍ଲାଙ୍କ୍ ଚେକ୍ ଇପ୍ସିତାଙ୍କୁ ଦେଇଥିବା ଇପ୍ସିତା ଦାବି କରିଥିବା ବେଳେ ଏହି ଚେକ୍ ପ୍ରକୃତରେ ପୂର୍ଣ୍ଣିମାଙ୍କ ନାଁରେ ଜାରି ହୋଇଥିଲା କି ନାହିଁ, ଏ ନେଇ ପୁଲିସ ବ୍ୟାଙ୍କ ସହିତ ଯୋଗାଯୋଗ କରି ତଦନ୍ତ ପ୍ରକ୍ରିୟା ଜାରି ରଖିଛି। ବ୍ୟାଙ୍କ କର୍ତ୍ତୃପକ୍ଷ ଏ ସଂକ୍ରାନ୍ତରେ ତଥ୍ୟ ମଙ୍ଗଳାବାଗ ଥାନା ପୁଲିସକୁ ଖୁବ ଶୀଘ୍ର ହସ୍ତାନ୍ତର କରିବେ। ଏହାକୁ ଯାଞ୍ଚ ହେବ। ଇପ୍ସିତାଙ୍କ ଦାବି ଅନୁଯାୟୀ ଏହାର ସତ୍ୟାସତ୍ୟ ଥିଲେ ପୁଲିସ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ସମ୍ଭାବନା ଥିବା ମଙ୍ଗଳାବାଗ ଥାନା ପୁଲିସ ପକ୍ଷରୁ ସୂଚନା ମିଳିଛି।

ପ୍ରକାଶ ଥାଉ କି, ପୂର୍ଣ୍ଣିମାଙ୍କ ଠାରୁ ଅଭିଯୋଗକାରୀ ଟଙ୍କା ଫେରସ୍ତ ମାଗିବାରୁ ସେ ତାଙ୍କୁ ଭୁଜାଲି ଦେଖାଇ ହତ୍ୟା ଧମକ ଦେଉଥିବା ଭଳି ସଙ୍ଗୀନ ଅଭିଯୋଗ ଗତକାଲି ମଙ୍ଗଳାବାଗ ଥାନାରେ କରାଯାଇଥିଲା। ପୁଲିସ ଏ ନେଇ ଏକ ଠକେଇ ସହିତ ଷଡ଼ଯନ୍ତ୍ର ମାମଲା ରୁଜୁ କରିଥିଲା। ମଙ୍ଗଳାବାଗ ଥାନା ପୁଲିସ ପୂର୍ଣ୍ଣିମାଙ୍କ ବିରୋଧରେ ଦଫା ୨୯୪, ୪୦୬, ୪୨୦, ୫୦୬, ୧୨୦(ବି)ରେ ମାମଲା(କେସ୍ ନଂ ୧୪୫/୨୪)ରେ ରୁଜୁ କର ତଦନ୍ତ ଜାରି ରଖିଛି।

## କଲେକ୍ଟୋରେଟ୍ ଷ୍ଟାଫ କମିଟି ପକ୍ଷରୁ ରାଜସ୍ୱ ମନ୍ତ୍ରୀଙ୍କୁ ସ୍ୱାଗତ

**କଟକ,୧୮ ।୬(ସମିସ):** ରାଜସ୍ୱ ତଥା ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଷ୍ଟାଫ କମିଟି ପକ୍ଷରୁ ମନ୍ତ୍ରୀ ଶ୍ରୀ ପୂଜାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଷ୍ଟାଫ କମିଟି ସଭାପତି ସୁବ୍ରତ କୁମାର ମିଶ୍ର ଓ ସମ୍ପାଦକ ଗୁରୁ ଗୋବିନ୍ଦ ଦଳାଇଙ୍କ ନେତୃତ୍ୱରେ କମିଟିର କର୍ମକର୍ତ୍ତାମାନେ ମନ୍ତ୍ରୀଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।







ଗ୍ରୀଷ୍ମ ଛୁଟି ପରେ ଖୋଲିଲା ସ୍କୁଲ: ଆରମ୍ଭ ହେଲା ପାଠପଢ଼ା

## ଆଇନଜୀବୀ ପ୍ରସନ୍ନ ନନ୍ଦଙ୍କୁ ନାଗରିକ ସମ୍ବର୍ଦ୍ଧନା



**କଟକ,୧୮।୬(ସମିସ):** ୱାଇଜମ୍ୟାନ ଇଣ୍ଟରନାସନାଲର ଉତ୍ତର, ପୂର୍ବ ଓ ଉତ୍ତରପୂର୍ବ ଇଣ୍ଡିଆ ଅଞ୍ଚଳର ପ୍ରଥମ ଓଡ଼ିଆ ଭାବେ ନବ ନିର୍ବାଚିତ ଆଞ୍ଚଳିକ ନିର୍ଦ୍ଦେଶକ ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦଙ୍କୁ କଟକର ସମସ୍ତ ୱାଇଜମ୍ୟାନ ପ୍ରତିଷ୍ଠାନ ୱାଇଜମ୍ୟାନ କ୍ଲବ ଅଫ କଟକ, ଚୌଦ୍ୱାର କଟକ ଓ କଟକ ମିଲେନିୟମ ତରଫରୁ ଭବ୍ୟ ନାଗରିକ ସମ୍ବର୍ଦ୍ଧନା ଦିଆଯାଇଛି। କଟକ ସିଡିଏ ସ୍ଥିତ ମଡର୍ଣ୍ଣ ଚକ୍ଷୁ ଚିକିତ୍ସାଳୟର ସମ୍ମିଳନୀ ଗୃହରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ କଟକ ଚୌଦ୍ୱାର କ୍ଲବର ସଭାପତି ଡ. ଅଭିଷେକ ସାହୁ, କଟକ ମିଲେନିୟମର ସଭାପତି ଡାକ୍ତର ରାଜବଲ୍ଲଭ ମହାନ୍ତି ଓ କଟକ କ୍ଲବର ସଭାପତି ସତ୍ୟ ଗୋପାଳ ପରିଜାଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ ଆଇନଜୀବୀ ସିଦ୍ଧାର୍ଥ ପ୍ରସାଦ ମିଶ୍ର ମାନପତ୍ର ପାଠ କରିଥିଲେ। ଡିଜି ଡାକ୍ତର ପ୍ରଭାତ ମିଶ୍ର, ସୁଜିତ ପାଣି, ଡାକ୍ତର ସୁରଜିତ ସାହୁ, ଦୀପକ ମହାନ୍ତି, ଡାକ୍ତର ବିଶ୍ୱଜିତ ଦେ, ସଦାନନ୍ଦ ବିହାରୀ, ରଶ୍ମିତ ମହାରଣା, ବିଦ୍ୟୁତ କୁମାରୀ ଲାଲା ପ୍ରମୁଖ ଯୋଗଦେଇ ପୁଷ୍ପଗୁଚ୍ଛ, ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶୈଳନ୍ଦ୍ରନାଥ ଠାକୁର, ବାଣୀଶ୍ରୀ ପଟ୍ଟନାୟକ, ଜ୍ୟୋତି ସିଂ, ପିୟୁଷ ମହାନ୍ତି, ଆଲୋକ ସାହୁ ପ୍ରମୁଖ ଯୋଗାଦେଇ ନିଜର ଶୁଭେଚ୍ଛା ଜ୍ଞାପନ କରିଥିଲେ।

## ରାଜ୍ୟସ୍ତରୀୟ ବସୁମତୀ ସ୍ନାନ ସାରସ୍ୱତ ମହୋତ୍ସବ



**କଟକ,୧୮।୬(ସମିସ):** କୈବଲ୍ୟ ସାହିତ୍ୟ ସଂସଦ ତରଫରୁ ଶେଷ ରଜ ଅବସରରେ ରାଜ୍ୟସ୍ତରୀୟ ବସୁମତୀ ସ୍ନାନ ସାରସ୍ୱତ ମହୋତ୍ସବ ୨୦୨୪ ବାଣୀପୀଠ ଶ୍ରୀ ରାମଚନ୍ଦ୍ର ଭବନରେ ଅନୁଷ୍ଠିତ ହୋଇଯାଇଛି। ଏହା ପ୍ରଥମ ରାଜ୍ୟସ୍ତରୀୟ ଗବେଷଣାତ୍ମକ ସାରସ୍ୱତ ମହୋତ୍ସବ। ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଆସିଥିବା ଲେଖକ ଓ ଲେଖିକା ପୂର୍ବରୁ ପ୍ରଦାନ କରିଥିବା "ବସୁମତୀ ସ୍ନାନ' ଶୀର୍ଷକ ଗବେଷଣାତ୍ମକ କବିତା, ଗଳ୍ପ ଏବଂ ପ୍ରବନ୍ଧ ପାଠ କରିଥିଲେ। ଜଗନ୍ନାଥଙ୍କ ଭକ୍ତି ସଙ୍ଗୀତ ଏବଂ ଶାସ୍ତ୍ରୀୟ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। କବୟିତ୍ରୀ ମନୋରମା ମିଶ୍ର ଜଗନ୍ନାଥ ଅଷ୍ଟକମ ଗାନ କରିଥିଲେ। ଦୁଇଟି ଅଧିବେଶନରେ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ଦ୍ୱିତୀୟ ଅଧିବେଶନକୁ ଡ. ବୈଷ୍ଣବ ଚରଣ ସାମଲ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଡ. ବାବାଜୀ ପଟ୍ଟନାୟକ ବସୁମତୀ ସ୍ନାନର ପ୍ରାସଙ୍ଗିକତା ସ୍ପଷ୍ଟ ରୂପେ ବ୍ୟାଖ୍ୟା କରିଥିଲେ। ମୁଖ୍ୟବକ୍ତା ଭାବେ ସ୍ୱତନ୍ତ୍ର ଶାସନ ସଚିବ ନିହାର ରଞ୍ଜନ ଦାସ, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ କିଶୋର ଚନ୍ଦ୍ର ଦାସ, ଡ. ଅଜୟ କୁମାର ପଣ୍ଡା, ହେମନ୍ତ ଜେନା, ବିପିନ ବିହାରୀ ବାରିକ, ବିଶ୍ୱଜିତ୍ ସୂର୍ଯ୍ୟବଂଶୀ, ଡ. ସ୍ନେହାଶ୍ରୀ ସ୍ୱାଇଁ, ସମାଜସେବୀ ବିପିନ ଦଳାଇ, ସୁଭାଷ ଚନ୍ଦ୍ର ରାଉତ ବସୁମତୀ ସ୍ନାନ ଏବଂ କୈବଲ୍ୟ ସାହିତ୍ୟ ସଂସଦର ଆଧ୍ୟାତ୍ମିକ କାର୍ଯ୍ୟ ବିଷୟରେ ବ୍ୟାଖ୍ୟା କରିଥିଲେ। ଦେବଦତ୍ତ ପ୍ରଧାନ ବସୁମତୀ ସ୍ନାନ ସମ୍ପର୍କରେ ଗବେଷଣାତ୍ମକ ପ୍ରବନ୍ଧ ପାଠ କରିଥିଲେ। ଦୁଇ ଶହରୁ ଊର୍ଦ୍ଧ୍ୱ ଲେଖକ ଏବଂ ଲେଖିକାଙ୍କୁ ରାଜ୍ୟସ୍ତରୀୟ ବସୁମତୀ ମା' ସମ୍ମାନ ୨୦୨୪ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ଡ଼କ୍ଟର ସଂଗ୍ରାମ କେଶରୀ ସାମନ୍ତରାୟ ସଂପାଦକୀୟ ପାଠ କରିଥିଲେ। ଲେଖକ ଡଃ ଅଜୟ କୁମାର ପଣ୍ଡାଙ୍କ ପୁସ୍ତକ "ଫାଲଗୁ ଧାରା', ଲେଖକ ଜାନକୀ ବଲ୍ଲଭ ଦାସଙ୍କ ପୁସ୍ତକ "କଥା ପୁରୁଣା ଅସଲି ସୁନା' ଲେଖିକା ସବିତା ନାୟକଙ୍କ "ପ୍ରୀତିପୁଷ୍ପ'ର ଶୁଭ ଲୋକାର୍ପଣ କରାଯାଇଥିଲା। ଅଧ୍ୟାପିକା ବୈଜୟନ୍ତୀ ସାହୁ ଏବଂ ଡଃ ସନ୍ତୋଷ କୁମାର ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। କବି ଅଭୟ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଧାନମନ୍ତ୍ରୀ କୃଷକ ସମ୍ମାନନିଧି ଉତ୍ସବ

**କଟକ,୧୮ ।୬(ସମିସ):** ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ କୃଷକ ସମ୍ମାନନିଧି ଉତ୍ସବ ଦିବସରେ ପ୍ରଧାନମନ୍ତ୍ରୀ କୃଷକ ସମ୍ମାନନିଧିର ୧୭ତମ କିସ୍ତି ପ୍ରଦାନ କରି ଦେଶର ଚାଷୀଙ୍କୁ ସମ୍ମାନ ଦେଲେ ହିଁ ଆମର ଜୀବନ ଧାରଣର ମାନ ଉନ୍ନତ ହୋଇପାରିବ ବୋଲି କହିଛନ୍ତି। ଉତ୍ତର ପ୍ରଦେଶର ବାରାଣାସୀ ଠାରେ ଦେଶର ଚାଷୀଙ୍କୁ ସମ୍ମାନ ଦେଇ ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଥିବା ବେଳେ କଟକ ଜିଲ୍ଲାର ବିଦ୍ୟାଧରପୁର ସ୍ଥିତ ଜାତୀୟ ଧାନ ଗବେଷଣା କେନ୍ଦ୍ରଠାରେ ଏହାର ସିଧାସଳଖ ପ୍ରସାରଣ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାସ୍ତରୀୟ ଏହି କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସରକାରଙ୍କ ଏହି ସୁଦୂର ପ୍ରସାରୀ କାର୍ଯ୍ୟକ୍ରମ ଚାଷୀଙ୍କ ପାଇଁ ବେଶ ସହାୟକ ହେବ ବୋଲି କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ବିଜୟ କୁମାର ଦଳବେହେରା, ଛବି ମଲିକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଅରିନ୍ଦମ ଡାକୁଆ ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିଲେ। ଏନଆରଆରଆଇ ନିର୍ଦ୍ଦେଶକ ଡକ୍ଟର ଅମରେଶ ନାୟକ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଅଶୋକ କୁମାର କରଙ୍କ ସମେତ ବହୁ ଅଧିକାରୀ ଓ କର୍ମଚାରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



**ଜୁନ ସରିବାକୁ ବସିଲାଣି, ଚାଷ ଆରମ୍ଭ ହୋଇନି**

## ନିଅଣ୍ଟିଆ ବର୍ଷା ପାଇଁ ଚାଷୀ ହତାଶ

କଟକ,୧୮ ।୬(ସମିସ)

ଚଳିତ ଖରିଫ ଋତୁରେ ରାଜ୍ୟର ବହୁ ଜିଲ୍ଲାରେ ସ୍ୱାଭାବିକଠାରୁ କମ ବୃଷ୍ଟିପାତ ପାଇଁ ଧାନ ଚାଷ କାର୍ଯ୍ୟ ପ୍ରଭାବିତ ହୋଇଛି। ଏଥିରୁ ବି ବାଦ ପଡିନାହିଁ କୃଷି ପ୍ରଧାନ କଟକ ଜିଲ୍ଲା। ଚଳିତ ଜୁନ ମାସରେ ନିଅଣ୍ଟିଆ ବର୍ଷା କାରଣରୁ ଖରିଫ ଚାଷ ଅନୁକୂଳ ହୋଇପାରିନଥିବା ଜଣାପଡିଛି। ଜୁନ ସରିବାକୁ ବସିଲାଣି କିନ୍ତୁ ଜିଲ୍ଲାରେ ସ୍ୱାଭାବିକ ବୃଷ୍ଟିପାତ ଠାରୁ ଢେର କମ ବର୍ଷା ହୋଇଛି। କେନାଲ ସଫେଇ କାର୍ଯ୍ୟ ସରିନଥିବାରୁ ଜଳସେଚନର ସୁବିଧା ମଧ୍ୟ ବର୍ତ୍ତମାନ ଚାଷ କାର୍ଯ୍ୟ ପାଇଁ ଉପଲବ୍ଧ ହୋଇପାରିନଥିବା ଜଣାପଡିଛି।

କଟକ ଜିଲ୍ଲାରେ ଚଳିତ ବର୍ଷ ମୋଟ ୧ଲକ୍ଷ ୩୫ହଜାର ହେକ୍ଟର ଜମିରେ ଖରିଫ ଧାନ ଚାଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଜୁନ ଦ୍ୱିତୀୟ ସପ୍ତାହ ସୁଦ୍ଧା ଖରିଫ ଧାନ ଚାଷ ପାଇଁ କ୍ଷେତ୍ର ପ୍ରସ୍ତୁତି ଶେଷ ହୋଇ ତଳି ମଧ୍ୟ ପକାଯିବା କଥା ହେଲେ ଏହା ହୋଇପାରିନଥିବା ଜଣାପଡିଛି। ସେହିପରି ୨୨୯୦ ହେକ୍ଟର ଜମିରେ ଡାଲିଜାତୀୟ ଶସ୍ୟ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ଅଦ୍ୟାବଧି ଏହା ସମ୍ଭବ ହୋଇପାରିନାହିଁ।



ମିଳିଥିବା ସୂଚନାନୁସାରେ, ଖରିଫ ଧାନ ଚାଷ ପାଇଁ ଜୁନ ମାସରେ ଜିଲ୍ଲାରେ ୨୧୩ ମିଲିମିଟର ବର୍ଷା ଆବଶ୍ୟକ। ହେଲେ ହାରାହାରି ୫୦ମିଲିମିଟର ବର୍ଷା ରେକର୍ଡ ହୋଇନାହିଁ। ଜିଲ୍ଲାର ବିଭିନ୍ନ ବ୍ଲକରେ ଗତ ଜୁନ ୨-୩ତାରିଖରେ ଶେଷ ଥର ପାଇଁ ବଡ ବର୍ଷା ହୋଇଥିଲା। ହେଲେ ଏହା ପରଠାରୁ ବିଗତ ୧୫ଦିନ ମଧ୍ୟରେ କାଁଭାଁ ବର୍ଷା ରେକର୍ଡ କରାଯାଇଛି। କଟକ ସଦର , ବାରଙ୍ଗ, କଣ୍ଟାପଡା, ନିଆଳି, ଟାଙ୍ଗୀ-ଚୌଦ୍ୱାର, ସାଲେପୁର, ନିଶ୍ଚିନ୍ତକୋଇଲି, ମାହାଙ୍ଗା, ଆଠଗଡ, ତିଗିରିଆ, ବଡମ୍ବା, ନରସିଂହପୁର, ବାଙ୍କୀ ଆଦି ବ୍ଲକରେ ଖରିଫ ଧାନ ଚାଷ ଅଦ୍ୟାବଧି ଆଗେଇ ପାରିନାହିଁଂ ସାଧାରଣତଃ ଜୁନ ଶେଷ ସୁଦ୍ଧା ଖରିଫ ଧାନ ଚାଷ ପାଇଁ ଜିଲ୍ଲାରେ ବିହନ ବୁଣା ଓ ତଳି ପକାଇବା କାମ ଶେଷ ହୋଇଯାଇଥାଏ; କିନ୍ତୁ ଏଥର ଆରମ୍ଭ ହେବା ନେଇ ସନ୍ଦେହ ଉପୁଜିଛି। ଅଣ ଜଳସେଚିତ ଅଞ୍ଚଳରେ ସାଧାରଣତଃ ଚାଷୀ ମାନେ ଧାନ ବିହନ ବୁଣିଥାନ୍ତି। ବର୍ଷାକୁ ଭରସା କରି ଚାଷ କାର୍ଯ୍ୟ ହୋଇଥାଏ। ହେଲେ ବର୍ଷା ଅଭାବରୁ ଏହି ଜମି ସବୁ ପଡିଆ ପଡିବାର ସମ୍ଭାବନା ରହିଛି। ଏହାକୁ ନେଇ ଚାଷୀ ମାନେ ବି ଆଶଙ୍କା ବ୍ୟକ୍ତ କରିଛନ୍ତି । ସୂଚନାନୁସାରେ ଗତ ଜୁନ ପ୍ରଥମ ସପ୍ତାହରେ ଆଠଗଡରେ ୭୨ମିମି, ବାଙ୍କୀ୬୫ମିମି, ବାରଙ୍ଗରେ ୨୩, ବଡମ୍ବାର ୨୩, ସଦରରେ ୧୦୫, କଣ୍ଟାପଡାରେ ୧୨୫, ମାହାଙ୍ଗାରେ ୧୪୦,ନିଆଳିରେ ୪୨, ନିଶ୍ଚିନ୍ତକୋଇଲିରେ ୨୭, ସାଲେପୁରରେ ୩୨, ଟାଙ୍ଗୀରେ ୭୦ ଓ ତିଗିରିଆରେ ୬୨ମିଲିମିଟର ଓ କଟକ ସହରରେ ୭୫ମିଲିମିଟର ବର୍ଷା ରେକର୍ଡ ହୋଇଛି ।

## 'ଆର୍ଟ ଅଫ୍ ଗିଭିଂ' ଦିବସ ପାଳିତ

### ■ ମଧୁବାବୁଙ୍କ ଜନ୍ମପୀଠ




**ସାଲେପୁର,୧୭।୬(ସମିସ):** ସାଲେପୁର ବ୍ଲକ୍ ଅନ୍ତର୍ଗତ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମପୀଠ ସତ୍ୟଭାମାପୁରଠାରେ 'ଆର୍ଟ ଅଫ୍ ଗିଭିଂ' ଦିବସ ପାଳିତ ହୋଇଯାଇଛି। ଏହି ସମାରୋହରେ ସାଲେପୁର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ହଳଧର ସାହୁ ଓ ଡଃ ଉମେଶ ଚନ୍ଦ୍ର ପତି, ଜାତୀୟ ଯୁବ ପ୍ରକଳ୍ପର ଓଡ଼ିଶା ଆବାହକ ମଧୁସୂଦନ ଦାସ, ଅଲ୍ ଇଣ୍ଡିଆ ରେଡିଓର ଉପନିର୍ଦ୍ଦେଶକ ସୁରେନ୍ଦ୍ର ନାଥ ସାମଲ ଆନନ୍ଦ ଆତ୍ମା ସେବାଶ୍ରମର ପ୍ରତିଷ୍ଠାତା ରାମଦାସ ମହାରାଜ, କସ୍ତୁରବା ଗାନ୍ଧୀ ରାଷ୍ଟ୍ରୀୟ ସ୍ମାରକ ଟ୍ରଷ୍ଟର ପ୍ରତିନିଧି ସନ୍ଧ୍ୟାରାଣୀ ମଲ୍ଲିକ ପ୍ରମୁଖ ଯୋଗଦେଇ 'ଆର୍ଟ ଅଫ୍ ଗିଭିଂ'ର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ଉକ୍ତ କାର୍ଯ୍ୟକ୍ରମରେ ବକ୍ତବ୍ୟ ରଖିଥିଲେ। ସୁବ୍ରତ ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ବିଶ୍ୱରଞ୍ଜନ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ, ଶିକ୍ଷାବିତ୍ ଓ ଅନ୍ୟାନ୍ୟ ଗଣ୍ୟମାନ୍ୟ ବ୍ୟକ୍ତିଙ୍କ ସମେତ ସତ୍ୟଭାମାପୁର ତଥା ସ୍ଥାନୀୟ ଅଞ୍ଚଳର ଗ୍ରାମବାସୀମାନେ ଉପସ୍ଥିତ ଥିଲେ। କିଟ୍ ଓ କିସ୍ ଅନୁଷ୍ଠାନ ପକ୍ଷରୁ ଦୀପକ ପାଣି, ଦୁଃଶାସନ ବେହେରା, କ୍ଷୀତିଶ ନାୟକ, ଜୟନ୍ତ ବିଶ୍ୱାଳ, ରଞ୍ଜନ ରାଉତ, ସତ୍ୟପ୍ରକାଶ ଭୂୟାଁ, ପ୍ରଭାକର ଭୋଇ, ଉପେନ୍ଦ୍ର ସାମଲ, ପ୍ରେମାନନ୍ଦ ମହାନ୍ତି, ନିରଞ୍ଜନ ସାହୁ, ଲମ୍ବୋଦର ମହାପାତ୍ର, ସୁକାନ୍ତ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ■ ରାଜକୃଷ୍ଣ ବୋଷ ଶିଶୁ ନିକେତନ

**କିଶନନଗର:** ସେହିପରି କିଶୋରନଗର ଠାରେ ଆର୍ଟ ଅଫ୍ ଗିଭିଂ ଦିବସ ପାଳନ କରାଯାଇଛି। ରାଜକୃଷ୍ଣ ବୋଷ ଶିଶୁ ନିକେତନ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ସୈୟଦ୍ ସାଜିଦ୍ ଅଲ୍ଲୀ, ସାମାଜିକକର୍ମୀ ମନୋରଞ୍ଜନ ମହାନ୍ତି, ଶିଶୁ ନିକେତନର ପ୍ରତିଷ୍ଠାତା ସଦସ୍ୟ ସୁବୋଧ କୁମାର ଆଚାର୍ଯ୍ୟ, ଶିଶୁ ନିକେତନର ଉପସଭାପତି ରାଣା ବୋଷ, ସମ୍ପାଦକ ଚନ୍ଦନ କୁମାର ନନ୍ଦୀ ଅତିଥିଭାବେ ଯୋଗଦେଇ ଡକ୍ଟର ଅଚ୍ୟୁତ ସାମନ୍ତଙ୍କ ମାନସପୁତ୍ର 'ଆର୍ଟ ଅଫ୍ ଗିଭିଂ' ମଣିଷ ସମାଜର ଏକ ବୃହତ୍ତର ସ୍ୱାର୍ଥ ପାଇଁ ଉଦ୍ଦିଷ୍ଟ ବୋଲି କହିଥିଲେ। କିଟ ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ପାଠ୍ୟ ଉପକରଣ ପ୍ରଦାନ କରାଯାଇଥିଲା। ସାମାଜିକକର୍ମୀ ସୀତାରାମ ପଣ୍ଡା, ଅଧ୍ୟାପକ ଧରଣୀଧର ଜେନା, ଅଧ୍ୟାପକ ଡକ୍ଟର ସିଦ୍ଧାନ୍ତ ଶେଖର ବିଶୋଇ, ସାମ୍ବାଦିକ ସର୍ବେଶ୍ୱର ମିଶ୍ର, ଦେବବ୍ରତ ଲେଙ୍କା, ଶରତ ଚନ୍ଦ୍ର ଜେନା ପ୍ରମୁଖଙ୍କ ସମେତ ଅନୁଷ୍ଠାନର ଛାତ୍ରଛାତ୍ରୀ, ଅଭିଭାବକ, ସ୍କୁଲ ପରିଚାଳନା କମିଟିର ସଦସ୍ୟ ଯୋଗଦେଇଥିଲେ। ଏହି ଅବସରରେ ଆୟତପୁର ଦାମୋଦରପୁର ସ୍ଥିତ 'ଉତ୍କଳମଣୀ ଗୋପବନ୍ଧୁ ସମାଜସେବା ଅନୁଷ୍ଠାନ' ପକ୍ଷରୁ ସମ୍ପାଦକ ମହମ୍ମଦ୍ ଓସିଉଲ୍ଲା ଓ ସଦସ୍ୟ ପତିତପାବନ ନାୟକ ଛାତ୍ରଛାତ୍ରୀଙ୍କୁ ପାଠ୍ୟ ଉପକରଣ ପ୍ରଦାନ କରିଥିଲେ। କିଟ୍ ପକ୍ଷରୁ କର୍ମଚାରୀ ସ୍ୱାଗତିକା ନାୟକ, ରଶ୍ମିତା ସ୍ୱାଇଁ, ମାନସ ରଞ୍ଜନ ଗୋସ୍ୱାମୀ, ସତ୍ୟ ରଞ୍ଜନ ବାରକ, ରଞ୍ଜନ ବାରିକ ଓ କିମ୍ସର କର୍ମଚାରୀ ନିରଞ୍ଜନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗୁରୁମା ଶୁଭଲକ୍ଷ୍ମୀ ବେହେରା, ପୂଜାରାଣୀ ଦାସ ଓ ରୋନାକଲତା ବେହେରା ସହଯୋଗ କରିଥିଲେ।

## ଜାତୀୟ କୁମ୍ଭୀର ଦିବସ ପାଳିତ



**ଆଠଗଡ,୧୮।୬(ସମିସ):** ଆଠଗଡ଼ ବନ ବିଭାଗ ପକ୍ଷରୁ ଜାତୀୟ କୁମ୍ଭୀର ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ କୁମ୍ଭୀରଙ୍କ ନିରାପତ୍ତା ପାଇଁ ଆଠଗଡ ବନ ବିଭାଗ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ କଟକ ଜିଲ୍ଲା କଖଡି ଠାରୁ ଶୁଭାରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଖୁଣ୍ଟୁଣି ବନାଞ୍ଚଳ ଅଧିକାରୀ ନୀଳମାଧବ ସାହୁଙ୍କ ନେତୃତ୍ୱରେ ସଚେତନତା ରାଲି କଖଡି ଠାରୁ ବାହାରି ବ୍ରହ୍ମପୁର ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ସହକାରୀ ବନ ସଂରକ୍ଷକ ସୁଶାନ୍ତ ଲେଙ୍କା, ବନପାଳ ସୋନାଲି ନାଥ, ବନରକ୍ଷୀମାନେ ଓ ମାଛ ଧରାଳିମାନେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମ ନିୟମିତ ଭାବେ ଆଠଗଡ, ବଡମ୍ବା, ନରସିଂହପୁର ପୂର୍ବ ଓ ପଶ୍ଚିମ ବନାଞ୍ଚଳ ଅଧୀନରେ ଥିବା ମହାନଦୀ କୂଳରେ ଥିବା ଗ୍ରାମ ମାନଙ୍କରେ ଆୟୋଜନ କରାଯିବ ବୋଲି ବନବିଭାଗ ସୂଚନା ଦେଇଛି।

# ଭଡ଼ା ଘରେ ଚାଲୁଛି କାନପୁର ଉପଡ଼ାକଘର

**ନରସିଂହପୁର,୧୮।୬(ସମିସ):** ନରସିଂହପୁର ବ୍ଲକ ଅନ୍ତର୍ଗତ କାନପୁରରେ ଥିବା ଉପ ଡାକଘର ଦୀର୍ଘ ବର୍ଷ ହେବ ଭଡା ଘରେ ଚାଲୁଥିବା ଦେଖିବାକୁ ମିଳିଛି। ଏହି ଡାକଘର କେନ୍ଦ୍ର ସରକାରଙ୍କ ଦ୍ୱାରା

### ● ଜମି ଯୋଗାଉନି ପ୍ରଶାସନ

ପରିଚାଳିତ ହେଉଥିବା ବେଳେ ଏଠାରେ ସ୍ଥାୟୀ ଡାକଘର ନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ ଅର୍ଥ ମଧ ମଞ୍ଜୁର ହୋଇଛି। ହେଲେ ଆଜି ପର୍ଯ୍ୟନ୍ତ ଏକ ସ୍ଥାୟୀ ଗୃହ ନିର୍ମାଣ ହୋଇପାରି ନାହିଁ। ଉପଡାକଘର ଗୃହ ଭଡାରେ ଚାଲୁଥିବାରୁ ଅଯଥା ସରକାରଙ୍କୁ ଭଡା ଟଙ୍କା ମଧ ଦେବାକୁ ପଡୁଛି।

ସୂଚନାଯୋଗ୍ୟ ଯେ, କାନପୁର ନିକଟରେ ଥିବା ଏହି ଉପ ଡାକଘରେ ଲୋକମାନଙ୍କୁ ସେବା ଯୋଗାଇଦେବା ପାଇଁ ପାସବୁକ ଖୋଲିବା ସହ ଟଙ୍କା ଜମା ଉଠାଣ, ଜୀବନ ବୀମା, ଚିଠିପତ୍ର ଆଗମନ ଓ ପ୍ରେରଣ, ପାର୍ସଲ ମାଧ୍ୟମରେ ବିଭିନ୍ନ ଜିନିଷପତ୍ର ପ୍ରେରଣ, ରେଜିଷ୍ଟ୍ରି ପୋଷ୍ଟ, ମନିଅର୍ଡର, ରେଭନ୍ୟୁ ଷ୍ଟାମ୍ପ, ଆଇପିଓ, ଦୁର୍ଲଭ ଗଙ୍ଗା ଜଳ ବିକ୍ରିର ସୁବିଧା ମଧ ରହିଛି। ଏସବୁ କାରବାର ପାଇଁ ପ୍ରତିଦିନ ଅଞ୍ଚଳର ଶହ ଶହ ଲୋକ ଆସିଥାନ୍ତି। ମାତ୍ର ଏଠାରେ ଏକ ସ୍ଥାୟୀ ଅଫିସ ଗୃହ ଓ ଲୋକଙ୍କ ବସିବା ପାଇଁ କୌଣସି ସୁବିଧା ନ ଥିବାରୁ ଲୋକମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଏ ବିଷୟରେ ଅନେକ ଥର ଉପଡାକଘରର



ଗୃହ ନିର୍ମାଣ ପାଇଁ ସ୍ଥାନୀୟ ତହସିଲଦାରଙ୍କୁ ଜମି ଯୋଗାଇଦେବା ପାଇଁ ଅନୁରୋଧ କରାଯାଇଥିଲେ ମଧ ତହସିଲଦାର ସ୍ଥାନୀୟ ଅଞ୍ଚଳରେ ରାଜନୈତିକ ଅଭିସନ୍ଧି ମଧ୍ୟରେ ଦିନ ପରେ ଦିନ ଗଡାଇ ଚାଲିଛନ୍ତି ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଫଳରେ ଜମି ଅଭାବରୁ ଉପଡାକଘର ନିର୍ମାଣ ପାଇଁ ସରକାର ଅର୍ଥ ମଞ୍ଜୁର କରିଥିଲେ ହେଁ ଡାକଘର ନିର୍ମାଣ ହୋଇପାରୁ ନାହିଁ। କେନ୍ଦ୍ର ସରକାରଙ୍କ ଉପ ଡାକଘରର କୋଠା ନିର୍ମାଣ ପାଇଁ ସ୍ଥାନୀୟ ପ୍ରଶାସନ ହସ୍ତକ୍ଷେପ କରୁନାହାନ୍ତି। ଫଳରେ ସରକାରଙ୍କୁ ଅଯଥା ଲକ୍ଷ ଲକ୍ଷ ଟଙ୍କା ଭଡା ଦେବାକୁ ପଡୁଛି। ନୂତନ କୋଠା ପାଇଁ ପ୍ରଶାସନ ତୁରନ୍ତ ଦୃଷ୍ଟି ଦିଅନ୍ତୁ ବୋଲି ସାଧାରଣରେ ଦାବି ହୋଇଛି।

## ସ୍କାର୍ଟ-ଓଡ଼ିଶା ପକ୍ଷରୁ ପ୍ରତିଭା ପୂଜା ଓ ସମ୍ବର୍ଦ୍ଧନା ଉତ୍ସବ

**ଫୁଲନଖରା,୧୮।୬(ସମିସ):** ତେଲଙ୍ଗାପେଣ୍ଠସ୍ଥିତ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ରାଜ୍ୟ କଳା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ଓଡ଼ିଶା, ବିଶ୍ୱଦେବ ସମାଜ ଓ ଜୟଦେବ ସଂସ୍କୃତି ବିକାଶ ପରିଷଦର ମିଳିତ ଆନୁକୂଲ୍ୟରେ ପ୍ରତିଭା ପୂଜା ଓ ସମ୍ବର୍ଦ୍ଧନା ଉତ୍ସବ ସଂସ୍କୃତିର ପ୍ରାଣକେନ୍ଦ୍ର କଟକସ୍ଥିତ କଳାବିକାଶ କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ସ୍କାର୍ଟ-ଓଡ଼ିଶାର ପ୍ରତିଷ୍ଠାତା ସଭାପତି କଳାଭୂଷଣ



### 'ପ୍ରତିଭା ପରିଚୟ' ପୁସ୍ତକ ଉନ୍ମୋଚିତ

ପ୍ରଶାନ୍ତ କୁମାର କରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଉଦ୍‌ଘାଟକ ଭାବରେ କଟକ ସାଂସଦ ଭର୍ତ୍ତୃହରି ମହତାବ, ମୁଖ୍ୟଅତିଥି ଭାବରେ ଯାଜପୁର ସାଂସଦ ରବି ନାରାୟଣ ବେହେରା, ସମ୍ମାନିତ ଅତିଥି ଭାବରେ ସାଂସଦ ତଥା ଚଳଚ୍ଚିତ୍ର ଅଭିନେତା ସିଦ୍ଧାନ୍ତ ମହାପାତ୍ର, କଟକ ବାରବାଟୀ ବିଧାୟିକା ସୋଫିଆ ଫିର୍ଦ୍ଦୋସ, ପ୍ରାକ୍ତନ ପୁଲିସ ମହାନିର୍ଦ୍ଦେଶକ ଡଃ ସତ୍ୟଜିତ୍ ମହାନ୍ତି, ପ୍ରାକ୍ତନ ସ୍ୱତନ୍ତ୍ର ବିଚାରପତି ସିବିଆଇ ଭିକାରୀ ଚରଣ ରାଉତ, ସ୍ତମ୍ଭକାର ସନ୍ନ୍ୟାସୀ, ଡଃ ସତ୍ୟ ରାୟ, କାଶିନାଥ ପାଣିଗ୍ରାହୀ ଓ ବିଭୁପ୍ରସନ୍ନ ପରିଜା ପ୍ରମୁଖ ଯୋଗଦାନ କରି ଉତ୍କଳୀୟ ପରମ୍ପରାର ସୁରକ୍ଷା ତଥା ଓଡ଼ିଶାର କୋଣ ଅନୁକୋଣରେ ଲୁକ୍କାୟିତ ପ୍ରତିଭାମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ପ୍ରେରଣା ଯୋଗାଇବାରେ ସ୍କାର୍ଟ-ଓଡ଼ିଶାର ଭୂମିକାକୁ ପ୍ରଶଂସା କରିଥିଲେ। ଅନୁଷ୍ଠାନ ତରଫରୁ ଚିତ୍ରଶିଳ୍ପୀ ମୁକ୍ତିକାନ୍ତ ବେହେରା, ସଂସ୍କୃତି ଗବେଷକ ହୃଷିକେଶ ସାହୁ, ପ୍ରଶାନ୍ତ କୁମାର ଶତପଥି, ସମାଜସେବି ପ୍ରତିତୀ ମହାପାତ୍ରଙ୍କୁ ଜୟଦେବ ଜାତୀୟ ସମ୍ମାନ ପ୍ରଦାନ କରାଯିବା ସଙ୍ଗେ ସଙ୍ଗେ କଳା ସାହିତ୍ୟ କ୍ଷେତ୍ରରେ ବଂଶୀଧର ମହାରଣା, ଶିକ୍ଷା କ୍ଷେତ୍ରରେ ଅଲେଖ ଚନ୍ଦ୍ର ଦାସ, ସମାଜସେବା କ୍ଷେତ୍ରରେ ପ୍ରମୋଦ କୁମାର ଜେତା, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଡଃ ସ୍ୟାମଳ ତ୍ରିପାଠୀ, ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ ସରିତା ସିଅଳ, କର୍ତ୍ତବ୍ୟନିଷ୍ଠ କର୍ମଚାରୀ ଭାବରେ ଗୁଣ୍ଡରେଣୁଙ୍କୁ ନବରତ୍ନ ସମ୍ମାନ, ବିଜୟ କୁମାର ସାହୁଙ୍କୁ ବାସ୍ତୁପ୍ରବୀଣ, ମନସ୍ୱିନୀ ଗୌଡଙ୍କୁ ସେବାଶ୍ରୀ, ଯଦୁମଣି ନାୟକଙ୍କୁ ଶିକ୍ଷକ ଗୌରବ, ସ୍ନେହଲତା ବେହେରାଙ୍କୁ ଶିକ୍ଷକ ଜ୍ୟୋତି, ବିଦ୍ୟାଧର ମହାରଣାଙ୍କୁ କଳାଶ୍ରୀ, ରାଜେନ୍ଦ୍ର ମହାକୁଡଙ୍କୁ କଳାକୁମୁଦ, ସ୍ମୃତିରେଖା ମଲ୍ଲିକଙ୍କୁ ନୃତ୍ୟପ୍ରବୀଣା ଏବଂ ମଧୁସ୍ମିତା ସିଂହଙ୍କୁ ନୃତ୍ୟଶ୍ରୀ ଉପାଧିରେ ଭୂଷିତ କରାଯାଇଥିଲା। ଏତଦ୍ ବ୍ୟତୀତ ୩୦ଜଣଙ୍କୁ ଉତ୍କଳଜ୍ୟୋତି ସମ୍ମାନ, ୬୦ ଜଣଙ୍କୁ ଉତ୍କଳ ସନ୍ତାନ ସମ୍ମାନ, ୯୦ଜଣଙ୍କୁ ରାଜ୍ୟସ୍ତରୀୟ ସମ୍ମାନ, ୧୨୦ ଜଣଙ୍କୁ ରାଜ୍ୟସ୍ତରୀୟ ସ୍ୱୀକୃତି ଏବଂ ୩୦୦ଜଣଙ୍କୁ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠାନ ତରଫରୁ ପ୍ରସ୍ତୁତ 'ପ୍ରତିଭା ପରିଚୟ' ପୁସ୍ତକ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ କରାଯାଇଥିଲା। ସାଧାରଣ ସଂପାଦକ ନରେନ୍ଦ୍ର ନାଥ ଓଝା ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସାଂସ୍କୃତିକ ସଂପାଦକ କୁନଚରଣ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ। ବିଶ୍ୱଦେବ ସମାଜର ସଭାପତି ଦେବପୁତ୍ର ମନୋଜ କୁମାର ପଣ୍ଡା ଓ ଜୟଦେବ ସଂସ୍କୃତି ବିକାଶ ପରିଷଦର ସଭାପତି ସଂଜୁବାଳା ମିଶ୍ର ପରିଚାଳନା କରିଥିଲେ।

## ଅରିଲୋରେ ରଜ ମହୋତ୍ସବ

**କିଶନନଗର,୧୮।୬(ସମିସ):** ଅରିଲୋ ଗ୍ରାମର ଆରାଧ୍ୟା ଦେବୀ ମା' ଭୁଆସୁଣୀ ମନ୍ଦିରର ନିର୍ମାଣ କାର୍ଯ୍ୟ ପାଞ୍ଚ ଲକ୍ଷ ଟଙ୍କା ଅନୁଦାନରେ ବରିଷ୍ଠ ନାଗରିକଙ୍କ ତତ୍ତ୍ୱାବଧାନରେ ସମାହିତ ହୋଇଛି। ପ୍ରତି ବର୍ଷ ଭଳି ରଜ ମହୋତ୍ସବରେ ଭୁଆସୁଣୀ ପାଲା ମଣ୍ଡପରେ ୫୩ତମ ବାର୍ଷିକ ପାଲା, ଗାୟିକା ଚିନ୍ମୟୀ ସସ୍ମିତା ପାତ୍ରଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ବଦାନ୍ୟ ବ୍ୟକ୍ତିଙ୍କ ସ୍ମାରକୀ ଚେୟାର ଓ ମନ୍ଦିର ପରିବେଶ ସମସ୍ତଙ୍କୁ ଆକୃଷ୍ଟ କରିଥିଲା। ପ୍ରତିଦିନ ପଡୋଶୀ ଗ୍ରାମ ବସ୍ତପଡ଼ା, ତରିଲୋ ଓ ତେଲଦିଆରୁ ବହୁ ପାଲା ପ୍ରେମୀ ଦର୍ଶକ ଆସୁଥିଲେ। ସଂଜୀବ ପାଣିଗ୍ରାହୀ, ଆଶିଷ ଜେନା, ଇଂ ଏସପି ଆଶିଷ ସ୍ୱାଇଁ ସମୂହ ଭାବେ ଅନୁଷ୍ଠାନକୁ ଦଶ ହଜାର ଟଙ୍କା ପ୍ରଦାନ କରିଥିଲେ। ସମସ୍ତ ବଦାନ୍ୟ ବ୍ୟକ୍ତି,ଗ୍ରାମବାସୀ ଓ ଯୁବଗୋଷ୍ଠୀ ସହଯୋଗରେ ପର୍ବଟି ମହାସମାରୋହରେ ପାଳିତ ହୋଇଥିବାରୁ ମନ୍ଦିର କମିଟିର ସଭାପତି ବିଜୟ ବିଶ୍ୱାଳ ଓ ସମ୍ପାଦକ ମାନସ ରଂଜନ ସାହୁ ସମସ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ସର୍ପାଘାତରେ ମହିଳାଙ୍କ ମୃତ୍ୟୁ

**ଟିଗିରିଆ,୧୮।୬(ସମିସ):** ଟିଗିରିଆ ବ୍ଲକ ବାଲିପୁଟ ପଞ୍ଚାୟତ ଅନ୍ତର୍ଗତ ଗୋଦରାବନ୍ଧ ଗ୍ରାମର ଜୈନିକ ମହିଳା ଆଜି ଭୋରରୁ ସର୍ପାଘାତର ଶିକାର ହୋଇ ମୃତ୍ୟୁବରଣ କରିଛନ୍ତି। ମୃତ ମହିଳାଙ୍କ ନାମ ମିନା ପ୍ରଧାନ ହୋଇଥିବା ବେଳେ ତାଙ୍କ ବୟସ ୪୫ ବର୍ଷ ହେବ ବୋଲି ସୂଚନା ମିଳିଛି। ସୂଚନା ମୁତାବକ ବୁଧବାର ସକାଳେ ମୀନା ନିଜ ଘରେ ଶୋଇଥିବା ବେଳେ ଏକ ନାଗସାପ ତାଙ୍କୁ ଦଂଶନ କରିଥିଲା। ପରିବାରବର୍ଗଙ୍କ ପକ୍ଷରୁ ତାଙ୍କୁ ପ୍ରଥମେ ଡାକ୍ତରଖାନାକୁ ନ ନେଇ ଏହି ବ୍ଲକ ଅଧୀନ ସୋମପଡାସ୍ଥିତ ସର୍ପାଘାତ ଆରୋଗ୍ୟ କେନ୍ଦ୍ରକୁ ନେଇ ଚିକିତ୍ସା କରାଇଥିଲେ। ସେଠାରେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ତାଙ୍କୁ ଟିଗିରିଆ ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯିବା ପରେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଟିଗିରିଆ ଥାନା କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ଶବବ୍ୟବଚ୍ଛେଦ ପାଇଁ ଆଠଗଡ ସରକାରୀ ଡାକ୍ତରଖାନାକୁ ପଠାଇଥିଲେ। ଏଥିନେଇ ଟିଗିରିଆ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

## ନବନିର୍ବାଚିତ ବିଧାୟକଙ୍କୁ ସମ୍ବର୍ଦ୍ଧନା



**କିଶନନଗର,୧୮।୬(ସମିସ):** କିଶୋରନଗରସ୍ଥିତ ରାଜକୃଷ ବୋଷ ଶିଶୁ ନିକେତନ ପକ୍ଷରୁ ନବନିର୍ବାଚିତ କଟକ ସଦର ବିଧାୟକ ଇଞ୍ଜିନିୟର ପ୍ରକାଶ ଚନ୍ଦ୍ର ସେଠୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବିଦ୍ୟାଳୟ ପରିସରରେ ଶିଶୁ ନିକେତନର ପ୍ରତିଷ୍ଠାତା ସଦସ୍ୟ ସୁବୋଧ କୁମାର ଆଚାର୍ଯ୍ୟ, ଉପସଭାପତି ରାଣା ବୋଷ, ସମ୍ପାଦକ ଚନ୍ଦନ କୁମାର ନନ୍ଦୀ ଶ୍ରୀ ସେଠୀଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ଗୁରୁମା ଶୁଭଲକ୍ଷ୍ମୀ ବେହେରା, ପୂଜାରାଣୀ ଦାସ ଓ ରୋନକଲତା ବେହେରା ଶ୍ରୀ ସେଠୀଙ୍କୁ ଜଗନ୍ନାଥଙ୍କ ଫଟୋଚିତ୍ର ପ୍ରଦାନ କରିଥିଲେ। ସତ୍ୟ ରଞ୍ଜନ ବାରିକ, ସାମାଜିକକର୍ମୀ ସୀତାରାମ ପଣ୍ଡା, ମନୋରଞ୍ଜନ ମହାନ୍ତି, ନିରଞ୍ଜନ ସାହୁ, ସାମ୍ବାଦିକ ସୈୟଦ୍ ସାଜିଦ୍ ଅଲ୍ଲୀ, ଅଧ୍ୟାପକ ଧରଣୀଧର ଜେନା, ଅଧ୍ୟାପକ ଡ. ସିଦ୍ଧାନ୍ତ ଶେଖର ବିଶୋଇ, ସାମ୍ବାଦିକ ସର୍ବେଶ୍ୱର ମିଶ୍ର, ଦେବବ୍ରତ ଲେଙ୍କା, ଶରତ ଚନ୍ଦ୍ର ଜେନା, ମହମ୍ମଦ ପ୍ରସିଉଲ୍ଲା, ପତିତପାବନ ନାୟକ ପ୍ରମୁଖଙ୍କ ସମେତ ଅନୁଷ୍ଠାନର ଛାତ୍ରଛାତ୍ରୀ, ଅଭିଭାବକ, ସ୍କୁଲ ପରିଚାଳନା କମିଟିର ସଦସ୍ୟ ଉପସ୍ଥିତ ଥିଲେ।

## କନ୍ତୋଲ ଯୁବକ ସଂଘର ନାଟକୋତ୍ସବ ଉଦ୍‌ଯାପିତ

**ଆଠଗଡ଼,୧୮।୬(ସମିସ):** ଆଠଗଡ଼ ଏନଏସି ଅନ୍ତର୍ଗତ କନ୍ତୋଲର ସର୍ବ ପୁରାତନ ଯୁବକ ସଂଘର ବାର୍ଷିକ ନାଟକୋତ୍ସବ ସୋମବାର ଉଦଯାପିତ ହୋଇଯାଇଛି। ଡିଜିଟାଲ ଯୁଗରେ ଏବେ ମଞ୍ଚ ନାଟକ ଉପରେ ଲୋକଙ୍କ ମନରେ ଆଗ୍ରହ ପ୍ରକାଶ ପାଉଥିବା ଲକ୍ଷ୍ୟ କରାଯାଉଛି। ଦୀର୍ଘ ୩୦ବର୍ଷରୁ ଊର୍ଦ୍ଧ୍ୱର୍ ସମୟ ହେବ ଏହି ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ପ୍ରତିବର୍ଷ ମଞ୍ଚ ନାଟକ ପରିବେଷିତ ହୋଇଆସୁଛି। ଚଳିତବର୍ଷ ମଧ ଯୁଗ୍ମ ନିର୍ଦ୍ଦେଶକ ଶରତ-ଶତ୍ରୁରାଙ୍କ ନିର୍ଦ୍ଦେଶନାରେ ରବିବାର ଓ ସୋମବାର ୨ ଦିନ ଧରି ନାଟକ ପରିବେଷିତ ହୋଇଛି। ରବିବାର 'କେତେ କାନ୍ଦିବୁରେ କଳାକହ୍ନେଇ' ଓ ସୋମବାର 'ଜନମ ହୋଇଛି କାନ୍ଦିବା ପାଇଁ' ନାଟକ ପରିବେଷିତ ହୋଇଛି। ସଂଘର କଳାକାର ବିନୟ, ନୀଲୁ, ଅଜିତ, ନସିବ୍, ପ୍ରଦୀପ, ଚିକୁନ୍, ସୁନୀଲ, ଡାକ, କୁଳମଣୀ ଓ ଅନ୍ୟାନ୍ୟଙ୍କ ଜୀବନ୍ତ ଅଭିନୟ ଦର୍ଶକଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି। ସଭାପତି ଦୀନନାଥ ନାୟକ, ସଂପାଦକ ବି ଶୁଭ୍ର ଶଙ୍କର ଜ୍ୟୋତି ତଥା ସଂଘର ସମସ୍ତ ସଭ୍ୟ ଏହି ଉତ୍ସବରେ ସହଯୋଗ କରିଥିଲେ।



# ଅତ୍ୟାଧୁନିକ ଶସ୍ୟଭିତ୍ତିକ ଇଥାନଲ୍ ପ୍ଲାଣ୍ଟ ଉଦ୍‌ଘାଟିତ

**କଟକ,୧୮।୬(ସମିସ):** ଭାରତର ସ୍ୱଚ୍ଛ ଶକ୍ତି କ୍ଷେତ୍ରକୁ ସୁଦୃଢ କରିବା ଲକ୍ଷ୍ୟରେ ଆଜି କଟକ ବାଁଆରାଠାରେ କଟକ ଆଗ୍ରିଭେଟ ଦ୍ୱାରା ନିର୍ମିତ ଅତ୍ୟାଧୁନିକ ଶସ୍ୟ ଭିତ୍ତିକ ଇଥାନଲ ପ୍ଲାଣ୍ଟ ଉଦଘାଟନ କରାଯାଇଛି। ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି

### ■ ନଷ୍ଟ ହୋଇଥିବା ଶସ୍ୟରୁ କରାଯିବ ଇଥାନଲ ଉତ୍ପାଦନ

### ■ ୩୦ ହଜାରରୁ ଅଧିକ ଚାଷୀ ହେବେ ଉପକୃତ



ପ୍ଲାଣ୍ଟକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବାଙ୍କୀ ବିଧାୟକ ଦେବୀ ପ୍ରସାଦ ତ୍ରିପାଠୀ ଓ କଟକ ଆଗ୍ରିଭେଟ୍ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ମୋହିତ ସିଙ୍ଗଲା ପ୍ରମୁଖ ଉପସ୍ଥିତ ଥିଲେ। ଦୈନିକ ୧୨୫ କିଲୋଲିଟର ଉତ୍ପାଦନ କ୍ଷମତା ବିଶିଷ୍ଟ ଏହି ଇଥାନଲ କାରଖାନା ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର କରି ନଷ୍ଟ ହୋଇଥିବା ଶସ୍ୟ/ଭଙ୍ଗା ଚାଉଳ ଏବଂ ମକାରୁ ଇଥାନଲ ଉତ୍ପାଦନ କରିବ, ଯାହା ଜୈବ ଇନ୍ଧନ ଭାବରେ ପେଟ୍ରୋଲିୟମ ସହିତ ମିଶ୍ରଣ କରାଯିବ। ଏହି କାରଖାନା ଭାରତ ସରକାରଙ୍କ ଜାତୀୟ ଜୈବ ଇନ୍ଧନ ନୀତି ଅନୁଯାୟୀ ଅଟେ, ଯାହା ଆମଦାନୀ ହେଉଥିବା ଅଶୋଧିତ ତୈଳ ଉପରେ ନିର୍ଭରଶୀଳତା ହ୍ରାସ କରିବା ପାଇଁ ଜୈବ ଇନ୍ଧନ ଉତ୍ପାଦନକୁ ପ୍ରୋତ୍ସାହିତ କରିଥାଏ। ଏହି ଇଥାନଲ ପ୍ଲାଣ୍ଟରେ ଅତ୍ୟାଧୁନିକ ଜ୍ଞାନକୌଶଳ ରହିଛି, ଯାହା ଏହାକୁ ଜିରୋ ଲିକ୍ୱିଡ୍ ଡିସଚାର୍ଜ କାରଖାନାରେ ପରିଣତ କରିଛି। ଏହି କାରଖାନା ଯୋଗୁଁ ପ୍ରାୟ ୨୫୦ଟି ପ୍ରତ୍ୟକ୍ଷ ନିଯୁକ୍ତି ସୁଯୋଗ ଏବଂ ୧୦୦୦ରୁ ଅଧିକ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ଶସ୍ୟ ଉତ୍ପାଦନ ପାଇଁ ଏକ ସୁଦୃଢ଼ ବଜାର ସୃଷ୍ଟି କରି ଏହି କାରଖାନା ସ୍ଥାନୀୟ କୃଷକଙ୍କୁ ସଶକ୍ତ କରିବ ବୋଲି ଆଶା କରାଯାଉଛି। ଏହି ପ୍ଲାଣ୍ଟ ଦ୍ୱାରା ୩୦ ହଜାରରୁ ଅଧିକ ଚାଷୀ ଉପକୃତ ହୋଇପାରିବେ। ଏହି ଶସ୍ୟ ଭିତ୍ତିକ ଇଥାନଲ୍ ପ୍ଲାଣ୍ଟ ପ୍ରତିଷ୍ଠା ସହିତ, ଭାରତର ସ୍ଥାୟୀ ଶକ୍ତି କ୍ଷେତ୍ରରେ ଯୋଗଦାନ ଏବଂ ଗ୍ରାମାଞ୍ଚଳରେ ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବ ବୋଲି କଟକ ଆଗ୍ରିଭେଟ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସିଙ୍ଗଲା କହିଛନ୍ତି। ଭବିଷ୍ୟତରେ କଟକ ଆଗ୍ରିଭେଟ୍ ମାଲ୍ଟ, ଗ୍ଲୁକୋଜ୍, ଷ୍ଟାର୍ଚ ସମେତ ଅନେକ ନୂଆ ମକା ଭିତ୍ତିକ ଉତ୍ପାଦ ଆଣି ଏହାର ଉତ୍ପାଦ ଅଫରକୁ ବିସ୍ତାର କରିବ ବୋଲି ସେ ସୂଚନା ଦେଇଥିଲେ। ଇଥାନଲ ଯୋଗାଣ ପାଇଁ କଟକ ଆଗ୍ରିଭେଟ ଭାରତ ପେଟ୍ରୋଲିୟମ, ଇଣ୍ଡିଆନ ଅଏଲ ଓ ହିନ୍ଦୁସ୍ତାନ ପେଟ୍ରୋଲିୟମ ସହ ୧୦ ବର୍ଷ ପାଇଁ ଚୁକ୍ତି ସ୍ୱାକ୍ଷର କରିଛି।

## ଜୈବ ବିଘଟିତ ବ୍ୟାଗ ଉତ୍ପାଦନ ୟୁନିଟ୍ ଉଦ୍‌ଘାଟିତ



**ଟାଙ୍ଗୀ,୧୮।୬(ସମିସ):** ସ୍ଥାୟୀ ପ୍ୟାକେଜିଂ ଶିଳ୍ପରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ଉଦ୍ଦେଶ୍ୟରେ ବିବି ମେଡିକେୟାର ପକ୍ଷରୁ ଅତ୍ୟାଧୁନିକ ଜୈବ ବିଘଟିତ ବ୍ୟାଗ୍ ଉତ୍ପାଦନ ୟୁନିଟ୍ ଉଦଘାଟନ ହୋଇଯାଇଛି। କଟକ ଟାଙ୍ଗୀସ୍ଥିତ ହଳଦୀବସନ୍ତ ଠାରେ ଏହି ଉଦଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ଏବଂ ପରିବେଶ ଉପରେ ଏହାର କ୍ଷତିକାରକ ପ୍ରଭାବକୁ ହ୍ରାସ କରିବା ପାଇଁ ପ୍ରସ୍ତୁତ କରାଯାଇଥିବା ନୂତନ ଉତ୍ପାଦନ ୟୁନିଟ୍ ଉଚ୍ଚମାନର ଜୈବ ବିଘଟିତ ବ୍ୟାଗ୍ ଉତ୍ପାଦନ କରିବ। ଏହି ବ୍ୟାଗଗୁଡ଼ିକ ପ୍ରାକୃତିକ, ନବୀକରଣଯୋଗ୍ୟ ସମ୍ପଦରୁ ନିର୍ମିତ ଏବଂ ସମ୍ପୂର୍ଣ୍ଣ ବିଘଟିତକ୍ଷମ ଯାହା ପାରମ୍ପରିକ ପ୍ଲାଷ୍ଟିକ ବ୍ୟାଗର ଏକ ପରିବେଶ ଅନୁକୂଳ ବିକଳ୍ପ ପ୍ରଦାନ କରୁଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଯୋଗଦେଇଥିଲେ। ଅଂଶଗ୍ରହଣକାରୀମାନେ କାରଖାନା ପରିଦର୍ଶନ କରିବା ଏବଂ ଉନ୍ନତ ଉତ୍ପାଦନ ପ୍ରକ୍ରିୟା ଦେଖିବାର ସୁଯୋଗ ପାଇଥିଲେ। ଉତ୍ପାଦନ ୟୁନିଟରେ ଅତ୍ୟାଧୁନିକ ପରିବେଶ ଅନୁକୂଳ ଉତ୍ପାଦନ ଜ୍ଞାନକୌଶଳ ବ୍ୟବହାର କରି ଗ୍ରୋସରୀବ୍ୟାଗ୍, ଆବର୍ଜନା ବ୍ୟାଗ୍, ଫାର୍ମାସି ବ୍ୟାଗ୍, ସଫି ବ୍ୟାଗ୍ ଏବଂ କ୍ୟାରି ବ୍ୟାଗ୍ ଭଳି ସ୍ଥାୟୀ ଜୈବ ବିଘଟିତ ବ୍ୟାଗ୍ ଉତ୍ପାଦନ କରିବା ପାଇଁ ଅତ୍ୟାଧୁନିକ ଜ୍ଞାନକୌଶଳ ରହିଛି। ଏହି ୟୁନିଟ୍ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁକୁ ଯଥେଷ୍ଟ ହ୍ରାସ କରିବ ଏବଂ ପରିବେଶ ପ୍ରଦୂଷଣ କମାଇବ। ଏଥି ସହ ଏହି କାରଖାନା ଅନେକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ଏବଂ ସ୍ଥାନୀୟ ଅର୍ଥନୈତିକ ଅଭିବୃଦ୍ଧିରେ ମଧ ସହାୟକ ହେବ।

### ନିଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷା ବିଭାଗର ସମୀକ୍ଷାକଲେ ବିଧାୟକ

# ଅନୁପସ୍ଥିତ ଶିକ୍ଷକଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ



**ନିଶ୍ଚିନ୍ତକୋଇଲି,୧୮।୬(ସମିସ):** ମାହାଙ୍ଗା ନିର୍ବାଚନମଣ୍ଡଳୀରେ ନିଶ୍ଚିନ୍ତକୋଇଲି ବ୍ଲକର ୨୭ଟି ପଞ୍ଚାୟତ ରହିଥିବା ବେଳେ କଟକ ସଦର ନିର୍ବାଚନମଣ୍ଡଳୀର ଏହି ବ୍ଲକର ୧୪ଟି ପଞ୍ଚାୟତ ରହିଛି। ଏହି ବ୍ଲକର ମୋଟ ୪୧ଟି ପଞ୍ଚାୟତରେ ଥିବା ବିଦ୍ୟାଳୟଗୁଡ଼ିକର ପରିଚାଳନା ପାଇଁ ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଦାୟିତ୍ୱ ବହନ କରିଛି। ଏହି ବ୍ଲକରେ ଥିବା ୪୬ଟି ଉଚ୍ଚ ବିଦ୍ୟାଳୟ ଏବଂ ୧୭୫ରୁ ଊର୍ଦ୍ଧ୍ୱ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରହିଛି। ଦୀର୍ଘ ବର୍ଷ ହେବ ଅନେକ ବିଦ୍ୟାଳୟରେ ଶିକ୍ଷକମାନେ ବର୍ଷ ବର୍ଷ ଧରି ରହିଥିବାରୁ ଶିକ୍ଷାଦାନରେ ଘୋର ବାଧା ଉପୁଜିଥିବା ଦେଖାଯାଇଛି। ଏଭଳି ସ୍ଥିତିରେ ମାହାଙ୍ଗାରେ ନୂତନ ବିଧାୟକ ଭାବେ ଶାରଦା ପ୍ରଧାନ ନିର୍ବାଚିତ ହେବା ପରେ ଶିକ୍ଷା ବିଭାଗ ଉପରେ ଅଧିକ ଗୁରୁତ୍ୱ ଦେଇଛନ୍ତି। ବିଦ୍ୟାଳୟଗୁଡ଼ିକରେ କିଭଳି ଭାବେ ଗୁଣାତ୍ମକମାନର ଶିକ୍ଷା ପ୍ରଦାନ କରାଯିବ ଓ ଶିକ୍ଷକମାନେ ଶତ ପ୍ରତିଶତ ସେମାନଙ୍କର ଦାୟିତ୍ୱ ତୁଲାଇବେ ସେ ନେଇ ମଙ୍ଗଳବାର ପୂର୍ବାହ୍ନରେ କୁଳିଆ ସ୍ଥିତ ବିଧାୟକଙ୍କ କାର୍ଯ୍ୟାଳୟରେ ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଓ ସିଆରସିସିଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଶିକ୍ଷା ଅଧିକାରୀ ଲକ୍ଷେହୀରା ଲାବଣ୍ୟବତୀ ବେହେରାଙ୍କ ପୌରହିତ୍ୟରେ ପ୍ରଥମେ ବିଭିନ୍ନ ବିଦ୍ୟାଳୟରେ ରହିଥିବା ଶିକ୍ଷକ ଅଭାବ ଓ ଭିତ୍ତିଭୂମିର ସମସ୍ୟା ସଂକ୍ରାନ୍ତରେ ସିଆରସିସି ଓ କର୍ମଚାରୀମାନେ ବିଧାୟକଙ୍କୁ ଅବଗତ କରାଇଥିଲେ। ବିଭିନ୍ନ ସମସ୍ୟା ସଂକ୍ରାନ୍ତରେ ବିଧାୟକ ଅବଗତ ହେବା ପରେ ଖୁବ୍ ଶୀଘ୍ର ସେଗୁଡ଼ିକର ସମାଧାନ କରିବା ପାଇଁ ପ୍ରକାଶ କରିଥିଲେ। ତୃଣମୂଳ ସ୍ତରରେ ସ୍କୁଲ ପରିଚାଳନାର ମୁଖ୍ୟ ଦାୟିତ୍ୱ ସିଆରସିସି ମାନଙ୍କ ଉପରେ ରହିଥିବାରୁ ସେମାନେ ଶିକ୍ଷାଦାନ ପ୍ରତି ଗୁରୁତ୍ୱ ଦେବା ପାଇଁ ବିଧାୟକ ପରାମର୍ଶ ଦେଇଥିଲେ। ବିଶେଷ କରି ପ୍ରତ୍ୟେକ ସିଆରସିସି ନିଜ ମୂଳ ବିଦ୍ୟାଳୟରେ ପାଠ ପଢାଇବା ସହିତ ଯେଉଁ ବିଦ୍ୟାଳୟକୁ ପରିଦର୍ଶନରେ ଯିବେ ସେ ବିଦ୍ୟାଳୟରେ ମଧ୍ୟ ଶିକ୍ଷାଦାନ କରିବା ପାଇଁ ବାଧ୍ୟ ହେବେ ବୋଲି ସମୀକ୍ଷା ବୈଠକରେ ଆଲୋଚନା ହୋଇଛି। ଏହାଛଡ଼ା ବହୁ ପ୍ରାଥମିକ ବିଦ୍ୟାଳୟରେ ଗଣିତ ଓ ବିଜ୍ଞାନ ଶିକ୍ଷକ ରହି ସଠିକ୍ ଭାବେ ଶିକ୍ଷାଦାନ କରୁ ନ ଥିବାରୁ ସେମାନଙ୍କର ଏକ ତାଲିକା ପ୍ରସ୍ତୁତ କରାଯାଇ ପରବର୍ତ୍ତୀ ସମୟରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ସ୍ଥାନାନ୍ତର କରାଯିବ ବୋଲି ବିଧାୟକ ପରାମର୍ଶ ଦେଇଛନ୍ତି। ଏହାଛଡ଼ା କେତେକ ଶିକ୍ଷକମାନେ ଶିକ୍ଷକତା ଚାକିରୀ ସହିତ ଅନ୍ୟାନ୍ୟ କାର୍ଯ୍ୟ କରୁଥିବାରୁ ସେମାନେ ଠିକ୍ ସମୟରେ ବିଦ୍ୟାଳୟକୁ ଯାଉ ନ ଥିବା ଅଭିଯୋଗ ବିଧାୟକ ପାଇବା ପରେ ପ୍ରତ୍ୟେକ ଶିକ୍ଷକ ପ୍ରାର୍ଥନା ବେଳେ ଯଦି ସ୍କୁଲରେ ନ ଥାନ୍ତି ସେମାନଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ବିଇଓଙ୍କୁ ପରାମର୍ଶ ଦେଇଛନ୍ତି। ଏହାଛଡ଼ା କୌଣସି କାର୍ଯ୍ୟରେ ଶିକ୍ଷକମାନଙ୍କ ଠାରୁ କାର୍ଯ୍ୟାଳୟର କର୍ମଚାରୀମାନେ ଲାଞ୍ଚ ନ ନେବା ଏବଂ ଉଚ୍ଚ ଅଧିକାରୀମାନଙ୍କୁ କୌଣସି କାର୍ଯ୍ୟରେ ଲାଞ୍ଚ ନ ଦେବା ପାଇଁ ବିଧାୟକ କଡାକଡ଼ି ଭାବେ ସମୀକ୍ଷା ବୈଠକରେ ଅବଗତ କରାଇଛନ୍ତି। ସର୍ବୋପରି ଶିକ୍ଷକ-ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ସେବାମୂଳକ ମନୋଭାବ ନେଇ ଶୃଙ୍ଖଳିତ ଭାବେ ସେମାନଙ୍କର ଦାୟିତ୍ୱ ତୁଲାଇଲେ ବିଧାୟକଙ୍କ ପକ୍ଷରୁ ସମସ୍ତ ସହଯୋଗ କରାଯିବ ବୋଲି ବୈଠକରେ ସେ ପ୍ରକାଶ କରିଛନ୍ତି। ଏହି ବୈଠକରେ ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ଲକ୍ଷ୍ମୀନାରାୟଣ ରାଉତ, ପାର୍ବତୀ ନନ୍ଦ, ଅନ୍ନପୂର୍ଣ୍ଣା ପଣ୍ଡା, ମୁଖ୍ୟ କିରାଣୀ ସମୀର ମହାନ୍ତି, କର୍ମଚାରୀ ଦିପ୍ତିଭାନୁ ପଟ୍ଟନାୟକ, ଅଭିରାମ ଦାସ, ଏମଆଇସି ଅଶୋକ କୁମାର ସେଠୀ, ଆକାଉଣ୍ଟାଟ ବନ୍ଦନ ରାଉତ, ରାଜେନ୍ଦ୍ର ଭୂୟାଁ, ଅଶୋକ ବେହେରା, ଅମରେନ୍ଦ୍ର ସାମଲଙ୍କ ସମେତ ସମସ୍ତ ସିଆରସିମାନେ ଯୋଗଦେଇଥିଲେ। ପ୍ରାରମ୍ଭରେ ସମସ୍ତ କର୍ମଚାରୀ ନୂତନ ବିଧାୟକଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ ଶୁଭେଚ୍ଛା ଜଣାଇଥିଲେ।

# ଆର୍ଟ ଅଫ ଗିଭିଙ୍ଗ ସଚେତନତା କାର୍ଯ୍ୟକ୍ରମ



**ଚୌଦ୍ୱାର, ୧୮।୬(ସମିସ):** ଚୌଦ୍ୱାର ପୌରପାଳିକା ୬ନଂ ୱାର୍ଡ ନୁନଟିକିରୀସ୍ଥିତ ବିବେକାନନ୍ଦ ପାଠାଗାରରେ ଆର୍ଟ ଅଫ ଗିଭିଙ୍ଗ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପାଠାଗାର ସଭାପତି ସୃଜୟ କୁମାର ନାୟକଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କିଟ ଓ କିସ୍ ଅନୁଷ୍ଠାନର ପ୍ରତିନିଧି ସମରେଶ ରଞ୍ଜନ ମହାନ୍ତି, ଭବାନୀ ନାୟକ, ସଂଗ୍ରାମ ବିଶ୍ୱାଳ ପ୍ରମୁଖ ଅତିଥିଭାବେ ଯୋଗଦେଇ କିଟର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଆରମ୍ଭ କରିଥିବା ଆର୍ଟ ଅଫ ଗିଭିଙ୍ଗ ଅଭିଯାନ ସମ୍ପର୍କରେ ସୂଚନା ଦେଇଥିଲେ। ପରୋପକାର ଏକ ମାନବୀୟ କଳା ବୋଲି ପ୍ରକାଶ କରି ନିଜେ ବଞ୍ଚିବା ସହିତ ଅନ୍ୟକୁ ବଞ୍ଚିବା ପାଇଁ ସହାୟତା ଯୋଗାଇବା ସହିତ ପରୋପକାରୀ ଚିନ୍ତାଧାରା ଓ ବିଚାରଧାରାର ବିକାଶ କରିବା ପାଇଁ ପରାମର୍ଶ ଦେଇଥିଲେ। ସବୁରି ସୁଖ ଓ ଦୁଃଖରେ ଭାଗି ହୋଇ ସମସ୍ୟା ସମାଧାନ ଦିଗରେ ନିଜକୁ ସାମିଲ କରିପାରିଲେ ପ୍ରକୃତ ଶାନ୍ତି ମିଳିଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପାଠାଗାର ସମ୍ପାଦକ ସୁରେଶ କୁମାର ରାଉତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଚୋରା ବାଲିଘାଟକୁ ନେଇ ଛୁରାମାଡ଼






- ଦୁଇ ଯୁବକଙ୍କ ସମେତ ଜଣେ ମହିଳା ଆହତ
- ୪ ଅଭିଯୁକ୍ତ ଗିରଫ

**ଫୁଲନଖରା, ୧୮।୬(ସମିସ):** କଟକ ସଦର ଥାନା ଅଞ୍ଚଳରେ ଗତ କିଛିମାସ ହେବ ଚୋରା ବାଲି ମାଫିଆଙ୍କ ଉତ୍ପାତ ବଢିବାରେ ଲାଗିଛି। ଯାହାକି ଏହି ଚୋରା ବାଲିଘାଟ ପାଇଁ କଟକ ସଦର ଥାନା ଅଧୀନ ଉତମାପୁର ତୋଟାସାହି ଗ୍ରାମରେ ଛୁରାମାଡରେ ଦୁଇ ଯୁବକଙ୍କ ସମେତ ଜଣେ ମହିଳା ଆହତ ହୋଇଥିବା ଜଣାପଡିଛି। ଆହତମାନେ ହେଲେ ସ୍ୱର୍ଗତଃ ଗଙ୍ଗା ସାମଲଙ୍କ ପୁଅ ଦୀପୁନା ସାମଲ, ତାଙ୍କ ସ୍ତ୍ରୀ କବିତା ସାମଲ ଓ ସେହି ଗ୍ରାମରେ ଆକୁଳ ସାମଲଙ୍କ ପୁଅ କାହ୍ନା ସାମଲ। ତିନିଜଣ ବର୍ତ୍ତମାନ କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏ ସଂକ୍ରାନ୍ତରେ ଦୁଇ ଆହତ ଯୁବକଙ୍କ ମା' ଥାନାରେ ଦୁଇଟି ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ତୋଟାସାହି ଗ୍ରାମର ଦିଲ୍ଲିପ ସାମଲ ଓ ବଳିଆ ସାମଲ ଏକ ଟ୍ରାକ୍ଟର ଯୋଗେ ବିଳମ୍ବିତ ରାତିରେ ଗ୍ରାମରେ ଥିବା ବାଲିମଙ୍ଗଳା ନିକଟ କୁଆଖାଇ ନଦୀରୁ ଚୋରାରେ ବାଲି ଉଠାଇ ବାହାରେ ଚଢା ଦରରେ ବିକ୍ରି କରିଥାନ୍ତି। ଏମାନଙ୍କର ଟ୍ରାକ୍ଟର କିଛିଦିନ ଠିକଠାକ ଚାଲିବା ପରେ ବାହାରୁ ଅନ୍ୟ ୩/୪ଟି ଟ୍ରାକ୍ଟର ଏହି ଚୋରା ବାଲିଘାଟରେ ଲଗାଇ ସେମାନଙ୍କ ଠାରୁ ଦିଲ୍ଲିପ ଟ୍ରାକ୍ଟର ପିଛା ଶହେ ଟଙ୍କା ଲେଖାଁ ବଟି ରଖୁଥିଲେ। ଗତ କିଛିଦିନ ହେବ ଗ୍ରାମକୁ ଯାଇଥିବା ମୁଖ୍ୟ ରାସ୍ତାଟି ନୂଆକରି ପିଚୁ ହୋଇଥିବାରୁ ଆହାତ ଦିପୁନା ସାମଲ, କାହ୍ନା ସାମଲଙ୍କ ସମେତ ଅନ୍ୟକିଛି ଯୁବକ ନୂଆକରି ହୋଇଥିବା ପିଚୁ ରାସ୍ତା ଉପରେ ଟ୍ରାକ୍ଟର ନ ଚଳାଇବା ପାଇଁ ସୋମବାର ରାତିରେ ବାରଣ କରିଥିଲେ। ହେଲେ ସେମାନେ ଏମାନଙ୍କ କଥାକୁ ଖାତିର ନ କରି ଜୋରଜବରଦସ୍ତ ଟ୍ରାକ୍ଟର ଚଳାଉଥିବାରୁ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହାରି ମଧ୍ୟରେ ଦିଲ୍ଲିପ ସାମଲଙ୍କ ଭାଇ ସିଲୁ ସାମଲ ଏକ ଛୁରୀରେ କାହ୍ନାର ପେଟକୁ ଭୁଷି ଦେଇଥିଲା। ଫଳରେ ସେ ଗୁରୁତର ଆହାତ ହୋଇଥିଲା। ଏହାପରେ ଦିଲ୍ଲୀପ ଗୋଷ୍ଠୀର ଜଟିଆ ସାମଲ, କୁନା ସାମଲ, କାଳିଆ ସାମଲ, ବଳିଆ ସାମଲ, କାର୍ତ୍ତିକ ସାମଲ ଓ ରାହୁଲ ସାମଲଙ୍କ ଆକ୍ରମଣରେ ଦିପୁନା ସାମଲର ମୁଣ୍ଡ, ପେଟ, ଛାତିରେ ଗଭୀର ଆଘାତ ଲାଗିବା ସହିତ ତାଙ୍କୁ ଉଦ୍ଧାର କରିବାକୁ ଯାଇଥିବା ତାଙ୍କ ମା' କବିତା ସାମଲ ମଧ୍ୟ ଆହତ ହୋଇଥିଲେ। ଏହି ଚୋରା ବାଲିଘାଟ କଟକ ସଦର ଥାନାଠାରୁ ମାତ୍ର ୩ କିଲୋମିଟର ବାଲିକୁଦା ତ୍ରିଶୁଳିଆ ମୁଖ୍ୟରାସ୍ତା ନିକଟରେ ଦୀର୍ଘ ୩ମାସରୁ ଊର୍ଦ୍ଧ୍ୱ ସମୟ ଧରି ଚାଲିଥିବା ବେଳେ ପୁଲିସ କେମିତି ଜାଣି ପାରିଲା ନାହିଁ ତାହା ଏବେ ସମସ୍ତଙ୍କୁ ଚକିତ କରିଛି। ଥାନାରେ କିଛି ଅଫିସର ବାଲି ମାଫିଆଙ୍କ ଠାରୁ ମୋଟା ଅଙ୍କର ଅର୍ଥ ନେଇ ସେମାନଙ୍କୁ ବାଲି ଉଠାଇବା ପାଇଁ ପ୍ରୋତ୍ସାହନ ଦେଉଥିଲେ ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଆଜି ଯେଉଁଭଳି ଚୋରା ବାଲିଘାଟକୁ ନେଇ ଗୋଷ୍ଠୀସଂଘର୍ଷ ଓ ଛୁରାମାଡ ହୋଇଛି ଆସନ୍ତା ଦିନରେ ଏହାକୁ ନେଇ ବଡ଼ଧରଣର ଗଣ୍ଡଗୋଳ ଘଟିବାର ଆଶଙ୍କା ସୃଷ୍ଟି ହୋଇଛି। ଗତକାଲିର ଏହି ଗଣ୍ଡଗୋଳ ଘଟଣାରେ ପୁଲିସ ଦୁଇ ମହିଳାଙ୍କ ଅଭିଯୋଗକ୍ରମେ ତୋଟାସାହିର ଅମୂଲ୍ୟ ସାମଲଙ୍କ ପୁଅ ଦିଲ୍ଲୀପ ସାମଲ, ପ୍ରଫୁଲ୍ଲ ସାମଲଙ୍କ ପୁଅ ସିଲୁ ସାମଲ, ମାର୍କଣ୍ଡ ସାମଲଙ୍କ ପୁଅ ସାଗର ସାମଲ ଓ ଅଶୋକ ସାମଲଙ୍କ ପୁଅ ଅଭୟ କୁମାର ସାମଲଙ୍କୁ ଆଜି ଗିରଫ କରି କୋର୍ଟ ଚାଲାଣ କରିଛି।

# ଆଗ୍ରାହାଟ ପ୍ରିମିୟର ଲିଗ୍ କ୍ରିକେଟ ଉଦ୍‌ଯାପିତ




**ଚୌଦ୍ୱାର,୧୮।୬(ସମିସ):** ଆଗ୍ରାହାଟ ଗ୍ରାମରେ ଆୟୋଜିତ ଆଗ୍ରାହାଟ ପ୍ରିମିୟର ଲିଗ୍ ସିଜିନ୍-୨ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଯୁବ ସଂଗଠକ ଡ.ସୋଭେନ୍ ମହାନ୍ତି, ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ, କାଉନ୍‌ସିଲର ସୁବ୍ରତ ସାମଲ ପ୍ରମୁଖ ଅତିଥି ଭାବେ କାର୍ଯ୍ୟକ୍ରମକୁ ଉଦ୍‌ଘାଟକ କରିଥିଲେ। ବିଭିନ୍ନ ସାହିର ମୋଟ ୮ ଟି ଦଳ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବ୍ରାହ୍ମଣ ସାହିର ଗୋପାଳଜୀୟୁ ୱାରିଅର ଏବଂ ପରିଡ଼ାସାହିର ସୁପରକିଙ୍ଗ ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଗୋପାଳଜୀୟୁ ୱାରିଅର ବିଜୟ ହାସଲ କରି ଚାମ୍ପିଅନ ହୋଇଥିଲା। ସୁପର କିଙ୍ଗ ପ୍ରଥମେ ବ୍ୟାଟିଂ ଅରମ୍ଭ କରି ୭୦ରନ୍‌ର ଲକ୍ଷ୍ୟ ଦେଇଥିଲାବେଳେ ଗୋପାଳଜୀୟୁ ସହଜ ଭାବେ ୭୦ରନ୍ ସମ୍ପନ୍ନ କରି ବିଜୟୀ ହୋଇଥିଲେ। ଗୋପାଳଜୀୟୁ ପାଇଥିବା ବିଜୟ ରାଶିକୁ ବଡ଼ ମେଡ଼ିକାଲ କ୍ୟାନ୍‌ସର ୱାଡର୍‌କୁ ଦାନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ପ୍ରିୟବ୍ରତ ସ୍ୱାଇଁ, ବିକାଶ ବେହେରା, ହୃଷିକେଶ ରାଉତ, ସନ୍ତୋଷ ଜୀ, ଲୋକନାଥ ମାଝି, ଅମୂଲ୍ୟ ରଞ୍ଜନ ଦାସ, ପ୍ରକାଶ ଜେନା, ବିଶ୍ୱରଞ୍ଜନ ବେହେରାଙ୍କ ସମେତ ଟିମ୍ ମୁଖ୍ୟମାନେ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।

# ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ



**ତିଗିରିଆ,୧୮।୬(ସମିସ):** ତିଗିରିଆ ବ୍ଲକ ନିଜିଗଡ ଗ୍ରାମ ପଞ୍ଚାୟତ ଅଧୀନ ନିଜିଗଡ ଗ୍ରାମର ବୟୋଜ୍ୟେଷ୍ଠ ତଥା ଧର୍ମପରାୟଣ ବ୍ୟକ୍ତି କୈଳାଶ ଚନ୍ଦ୍ର ପଣ୍ଡାଙ୍କର ମଙ୍ଗଳବାର ପୂର୍ବାହ୍ନରେ ତାଙ୍କ ନିଜିଗଡସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୮୨ବର୍ଷ ହୋଇଥିବା ବେଳେ ସେ ଆଠଗଡ ତହସିଲ କାର୍ଯ୍ୟାଳୟରେ ୪ର୍ଥ ଶ୍ରେଣୀ କର୍ମଚାରୀ ରୂପେ ଅବସର ଗ୍ରହଣ କରିଥିବାର ଜଣାପଡିଛି। ସେ ଦୀର୍ଘଦିନ ଧରି ବୟସାଧିକ ତଥା ମସ୍ତିଷ୍କଘାତ ରୋଗର ଶିକାର ହୋଇ ଶର୍ଯ୍ୟାଶାୟୀ ଥିଲେ। ତାଙ୍କ ମୃତ୍ୟୁଖବର ପାଇ ତିଗିରିଆ ନିଜିଗଡ ତଥା ଆଖପାଖ ଅଞ୍ଚଳର ବହୁ ଜନସାଧାରଣ ତାଙ୍କ ନିଜିଗଡସ୍ଥିତ ବାସଭବନକୁ ଯାଇ ତାଙ୍କର ଶେଷ ଦର୍ଶନ କରିଥିଲେ। ପୂର୍ବାହ୍ନରେ ଗ୍ରାମ୍ୟ ଶ୍ମଶାନରେ ତାଙ୍କ ଅନ୍ତେଷ୍ଟିକ୍ରିୟା ସଂପାଦିତ ହୋଇଛି। ବଡପୁଅ ଅରୁଣ କୁମାର ପଣ୍ଡା ମୁଖାଗ୍ନି ପ୍ରଦାନ କରିଥିଲେ। ତାଙ୍କ ମୃତ୍ୟୁ ଖବରରେ ତିଗିରିଆ ନିଜିଗଡ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

## ୫୫ ନଂ ୱାର୍ଡରେ ରଜ ମହୋତ୍ସବ




**କଟକ,୧୮।୬(ସମିସ):** ଓଡିଶାର ଗଣପର୍ବ ପବିତ୍ର ରଜ ପର୍ବ ଅବସରରେ ଗାଁ ଠାରୁ ସହର ପର୍ଯ୍ୟନ୍ତ ସବୁଠି ରଜର ଆସର ଜମିଛି। ଏହି ଅବସରରେ କଟକ ମହାନଗର ନିଗମ ଅନ୍ତର୍ଗତ ୫୫ନଂ ୱାର୍ଡ ବିଦ୍ୟାଧରପୁର ବାରିକସାହିସ୍ଥିତ ଗୋଲେଡେନ ଛକଠାରେ ସ୍ଥାନୀୟ କର୍ପୋରେଟର ବିଶ୍ୱବନ୍ଦିତା ପଣ୍ଡାଙ୍କ ନେତୃତ୍ୱରେ ମହାସମାରୋହରେ ରଜ ମହୋତ୍ସବ-୨୦୨୪ ଅନୁଷ୍ଠିତ ହୋଇଯାଇଛି। ଏହି ରଜ ମହୋତ୍ସବରେ ୱାର୍ଡର ବିଭିନ୍ନ ମହିଳା ପ୍ରତିଯୋଗୀଙ୍କ ଦ୍ୱାରା ମ୍ୟୁଜିକ ଚେୟାର, ନାଚ-ଗୀତ ଏବଂ ଗୁପଚୁପ ଖାଇବା ପ୍ରତିଯୋଗିତା କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ସ୍ଥାନୀୟ ମୁରବୀ ଏବଂ କର୍ପୋରେଟର ଶ୍ରୀମତୀ ପଣ୍ଡା ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାହି ମୁରବୀ, ମହିଳା ଏବଂ ଯୁବବର୍ଗ ପ୍ରମୁଖ ବହୁ ସଂଖ୍ୟାରେ ଉପସ୍ଥିତ ରହି ରଜ ମହୋତ୍ସବକୁ ଉପଭୋଗ କରିଥିଲେ।

## ବଜ୍ରପାତରେ ଗାଈ ଚରାଳି ମୃତ

**ଆଠଗଡ଼,୧୮।୬(ସମିସ):** ଆଜି ଅପରାହ୍ନରେ ବଜ୍ରପାତରେ ଜଣେ ଗାଈଚରାଳୀଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ମୃତକ ଜଣକ ହେଉଛନ୍ତି ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଡାଲୁଆ ଗ୍ରାମର ବାବୁଲି ଦେହୁରୀ (୫୮)। ସେ ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଚମ୍ପାପୁର ଗ୍ରାମର ଢାଉରଙ୍ଗ ସେତୁ ନିକଟରେ ଗାଈ ଚରାଉଥିବା ବେଳେ ବଜ୍ରପାତର ଶିକାର ହୋଇଥିଲେ। ତୁରନ୍ତ ତାଙ୍କୁ ଆଠଗଡ଼ ଡାକ୍ତରଖାନାରେ ଭର୍ତ୍ତି କରା ଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆସନ୍ତାକାଲି ଶବ ବ୍ୟବଚ୍ଛେଦ ପରେ ତାଙ୍କର ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଡାକ୍ତରଖାନା ସୂତ୍ରରୁ ଜଣାପଡିଛି।

## ଉତ୍କଳମଣି ଗୋପବନ୍ଧୁଙ୍କୁ ଶ୍ରଦ୍ଧାଞ୍ଜଳି



**କଟକ,୧୮।୬(ସମିସ):** ସ୍ୱାଧୀନତା ସଂଗ୍ରାମର ବୀରପୁରୁଷ ଦୀନଦୁଃଖୀଙ୍କ ବନ୍ଧୁ ଗୋପବନ୍ଧୁ ଦାସଙ୍କୁ ପୁଣ୍ୟତିଥିରେ ସାମାଜିକ ସଂଗଠନ ଦୟାନିଧି ପ୍ରତିଭା ବିକାଶ ପ୍ରତିଷ୍ଠାନ ୪୨ ମୌଜା ପକ୍ଷରୁ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସଭାପତି କବୀ ସରୋଜ ନଳିନୀ ପରିଜାଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶିକ୍ଷକ ରତ୍ନ ମିହିର କୁମାର ପତି, ମୁଖ୍ୟବକ୍ତା ପଟଣା ଗ୍ରାମର ଡକ୍ଟର ରାହୁଲ ମହାନ୍ତି ଓ ରାଧାମୋହନ ଷ୍ଟଡି ସର୍କଲର ଛାତ୍ରଛାତ୍ରୀ ଅଭିଷେକ ମହାନ୍ତି, ରାକେଶ ମହାନ୍ତି, ପ୍ରସନ୍ନ ସ୍ୱାଇଁ, ସ୍ମୃତିପ୍ରଜ୍ଞା ଦାସ, ସୁଭରାଜ୍ ମହାନ୍ତି, ସୃଷ୍ଟି ଦାସ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ସଂଗଠକ ନାରାୟଣ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଦେଇଥିଲେ।

### ଶୁଦ୍ଧ ପାନୀୟଜଳରୁ ବଞ୍ଚିତ ଗ୍ରାମବାସୀ

# ଗୋଷ୍ଠୀ କନ୍ଦଳ ପାଇଁ ଖୋଲିନେଲେ ପାଣିପମ୍ପ



**ଟାଙ୍ଗୀ,୧୮।୬(ସମିସ):** କେତେକ ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ସାମୁହିକ ପାନୀୟ ଜଳକୁ ନିଜ କାମରେ ଲଗାଉଛନ୍ତି। ଫଳରେ ସାଧାରଣ ଜନତା ପାନୀୟ ଜଳରୁ ବଞ୍ଚିତ ହେଉଛନ୍ତି। ଏଭଳି ଘଟଣା ଦେଖିଥିବାକୁ ମିଳିଛି ଟାଙ୍ଗୀ ଚୌଦ୍ୱାର ବ୍ଲକ ଅନ୍ତର୍ଗତ ସଫା ଗ୍ରାମରେ। ସଫା ଗ୍ରାମରେ ଏକ ବଜାର ଅଛି। ଉକ୍ତ ବଜାରକୁ ଆଖପାଖ ଗ୍ରାମର ଅନେକ ଲୋକ କିଣାବିକା କରିବାକୁ ଆସନ୍ତି। ଏହାକୁ ହୃଦୟଙ୍ଗମ କରି ସ୍ଥାନୀୟ ଏକ ସିମେଣ୍ଟ କମ୍ପାନୀ ସ୍ଥାୟୀ ଭାବରେ ଏକ ପାଣି ଟାଙ୍କି ନିର୍ମାଣ କରିବା ସହ ପାଣି ମଟର ମଧ୍ୟ ଲଗାଇଥିଲେ। ଗ୍ରାମ କମିଟି ଦ୍ୱାରା ସଫା ବସଷ୍ଟାଣ୍ଡରେ ଥଣ୍ଡା ପାଣି ମେସିନ ବସାଇଥିଲେ। ଯାହାଫଳରେ ସାଧାରଣ ଜନତା ସୁବିଧାରେ ପାନୀୟଜଳ ପାଉଥିଲେ। କିନ୍ତୁ ଏକ ରାଜନୈତିକ ଦଳର କର୍ମୀ ଉକ୍ତ ପାନୀୟ ଜଳକୁ ଗାଡିମଟର ଧୋଇ ଅଯଥାରେ ପାଣି ନଷ୍ଟ କରୁଥିବାରୁ ଅନ୍ୟ ରାଜନୈତିକ ଦଳର କର୍ମୀମାନେ ପାଣି ମଟର ଖୋଲି ନେଇଯାଇଛନ୍ତି। ଫଳରେ ସାଧାରଣ ଜନତା ଶୁଦ୍ଧ ପାନୀୟଜଳ ପାଇବାରେ ବଞ୍ଚିତ ହେଉଥିବା ଦେଖିବାକୁ ମିଳିଛି। ଉକ୍ତ ସମସ୍ୟାର ସମାଧାନ ପାଇଁ ଗ୍ରାମ୍ୟ କମିଟି ନିଷ୍ପତ୍ତି ନେଇଥିବା ବେଳେ ପୁନଶ୍ଚ ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି ସ୍ଥାନୀୟ ସରପଞ୍ଚ ନିବାସ ପାଣ୍ଡବ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି।

### ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଆଦେଶ ହେଲାନି କାର୍ଯ୍ୟକାରୀ

# ୧୫ ମାସ ପରେ ବି ମିଳିଲାନି ରାସନ କାର୍ଡ

**ତିଗିରିଆ,୧୮।୬(ସମିସ):** ଜଣେ ଗରିବ ନିସ୍ୱ ତଥା ଅବିବାହିତ ମହିଳାଙ୍କ ପ୍ରତି ଦୀର୍ଘ ଦିନ ଧରି ତିଗିରିଆ ବ୍ଲକ ପ୍ରଶାସନ ହତାଦର କରିବାରେ ଲାଗିଛି। ଏପରିକି ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ଆଦେଶର ଦୀର୍ଘ ୧୫ ମାସ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ବ୍ଲକ ପ୍ରଶାସନ ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାର ସଂପୃକ୍ତ ମହିଳା ଏଥିନେଇ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ ତିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣା ବାଲିସାହି ଅଞ୍ଚଳର ସୁବନୀ ଦେଇ ଜଣେ ଗରିବ, ନିସ୍ୱ ତଥା ଅବିବାହିତ ମହିଳା ରାସନ କାର୍ଡ ଖଣ୍ଡେ କରାଇଦେବା ପାଇଁ ତିଗିରିଆ ବ୍ଲକ ପ୍ରଶାସନକୁ ଦୌଡିଦୌଡି ନୟାନ୍ତ ହେବା ପରେ ଏଥିନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଗତ ୨୬.୧୦.୨୦୨୨ ରିଖରେ ଚିଠି ଯୋଗେ ଅଭିଯୋଗ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ତରଫରୁ ତିଗିରିଆ ବ୍ଲକ କାର୍ଯ୍ୟାଳୟକୁ ଏଥିନେଇ ସୁବନୀଙ୍କୁ ତୁରନ୍ତ ରାସନ କାର୍ଡ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ଆଦେଶ ଆସିଥିଲା। ପରବର୍ତ୍ତୀ ସମୟରେ ବ୍ଲକ ପ୍ରଶାସନ ପକ୍ଷରୁ ଜଣେ କର୍ମଚାରୀ ସୁବନୀଙ୍କ ନୂଆପାଟଣାସ୍ଥିତ ଘରକୁ ଯାଇ ସୁବନୀଙ୍କର ଆଧାରକାର୍ଡ, ଭୋଟର ପରିଚୟ ପତ୍ର ଓ ମୋବାଇଲ ନମ୍ବର ସଂଗ୍ରହ କରାଯାଇ ତୁରନ୍ତ ଏହି

### ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ସୁବନୀ

ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ ବୋଲି ପ୍ରତିଶ୍ରୁତି ମିଳିଥିଲେ ହେଁ ଇତି ମଧ୍ୟରେ ପ୍ରାୟ ୧୫ ମାସ ଅତିକ୍ରାନ୍ତ ହୋଇସାରିଛି। ମାତ୍ର ସୁବନୀ ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରି ନ ଥିବାର ସୂଚନା ହସ୍ତଗତ ହୋଇଛି। ଫଳରେ ସୁବନୀଙ୍କ ପକ୍ଷରୁ ଏଥିନେଇ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସହ ରାଜ୍ୟ ମାନବାଧିକାର କମିଶନଙ୍କୁ ଅଭିଯୋଗ କରାଯାଇଛି। ଏଠାରେ ସୂଚନାଯୋଗ୍ୟ ଯେ ସୁବନୀଙ୍କ ଘର ନରସିଂହପୁର ବ୍ଲକ ଅଧୀନରେ ହୋଇଥିବା ବେଳେ ସେ ଦୀର୍ଘ ୨୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ତିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣା ବାଲିସାହି ଅଞ୍ଚଳରେ ଏକ ଭଡାଘରେ ଏକୁଟିଆ କାଳାତିପାତ କରୁଛନ୍ତି। ସେ ଜଣେ ନିସ୍ୱ ତଥା ଗରିବ ଶ୍ରେଣୀର ଲୋକ ହୋଇଥିବାରୁ ତାଙ୍କର ରାସନ କାର୍ଡଟିଏ ହୋଇପାରିଲେ ସେ ବିଶେଷ ଉପକୃତ ହୋଇପାରିବେ ବୋଲି ସୁବନୀ ପ୍ରକାଶ କରିଛନ୍ତି।

